KOSHALA PRABAHA
# କୋଶଳ ପ୍ରବାହ
www.koshalaprabaha.com
Postal Regd.No. BGR-02/2018-20
ବର୍ଷ - ୨୦ ■ ସଂଖ୍ୟା - ୩୪
Volum.-20 ■ Issue No.- 34
Sunday ■ Balangir
ରବିବାର ■ ବଲାଙ୍ଗିର
R.N.I.No.: ODIODI/2000/03637 ● ୧୨ ଜୁଲାଇ - ୧୮ ଜୁଲାଇ ୨୦୨୦ ● 12 July - 18 July 2020 ● Odia Weekly ● 8 Pages, Rs.2/- only

## ଅଟଳ ଇନୋଭେସନ୍ ମିଶନ ରାଷ୍ଟ୍ରବ୍ୟାପୀ ସ୍କୁଲ ପିଲାଙ୍କ ପାଇଁ ଆରମ୍ଭ କଲା ଆପ୍ ଡେଭଲପ୍‌ମେଂଟ୍ ମଡ୍ୟୁଲ

### ଛାତ୍ରଛାତ୍ରୀଙ୍କୁ ଆପ୍ ୟୁଜର୍‌ରୁ ଆପ୍ ମେକର୍ କରିବା ଲକ୍ଷ୍ୟ

ନୂଆଦିଲ୍ଲୀ, (ପିଆଇବି) : ଦେଶରେ ମୋବାଇଲ୍ ଆପ୍ ବିକାଶ କ୍ଷେତ୍ରରେ ନବ ସୃଜନର ଏକ ବାତାବରଣ ସୃଷ୍ଟି କରିବା ପାଇଁ ନୀତି ଆୟାଗ ଅଟଳ ଇନୋଭେସନ୍ ମିଶନ୍ ପକ୍ଷରୁ ଏଟିଏଲ୍ ଆପ୍ ଡେଭଲପ୍‌ମେଂଟ୍ ମଡ୍ୟୁଲ୍ ସମଗ୍ର ଦେଶର ଛାତ୍ରଛାତ୍ରୀଙ୍କ ପାଇଁ ଆରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଆହ୍ୱାନର ଏହା ଏକ ଅଂଶବିଶେଷ । ଭାରତୀୟ ଷ୍ଟାର୍ଟଅପ୍ ପ୍ଲେଜମ ସହାୟତାରେ ଏହି ମଡ୍ୟୁଲ ଆରମ୍ଭ ହୋଇଛି । ସ୍କୁଲ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ଆପ୍ ବ୍ୟବହାରକାରୀରୁ ସମୟକ୍ରମେ ଅଭିନବ ଆପ୍ ନିର୍ମାତା କରିବା ଲକ୍ଷ୍ୟରେ ଏହି ମଡ୍ୟୁଲ ଆରମ୍ଭ କରାଯାଇଛି । ଏହି ପିଲାମାନେ ଅଟଳ ଟିଂକରିଂ ଲ୍ୟାବ୍ ଇନିସିଏଟିଭ୍ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଆପ୍ ନିର୍ମାଣ କାର୍ଯ୍ୟ ଶିଖିବେ ।

ଏହି ମଡ୍ୟୁଲ ଉପରେ ନିଜର ମତାମତ ପ୍ରକାଶ କରି ନୀତି ଆୟାଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ କହିଛନ୍ତି ଯେ, କରୋନା ମହାମାରୀ ବିଭିନ୍ନ କ୍ଷେତ୍ରରେ ବଡ଼ ବ୍ୟାଘାତ ସୃଷ୍ଟି କରିଛି । ତାହାକୁ ଦୂର କରିବା ପାଇଁ ଟେକ୍‌ନୋଲଜିର ବ୍ୟବହାର କରାଯାଇ ସମସ୍ତଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି । ସେ କହିଛନ୍ତି ଯେ, ସମ୍ମାନନୀୟ ପ୍ରଧାନମନ୍ତ୍ରୀ ଦେଶର ନାଗରିକମାନଙ୍କୁ ଆତ୍ମନିର୍ଭର ଭାରତ ଗଠନ ପାଇଁ ନୂଆ ଟେକ୍‌ନୋଲଜିର ବ୍ୟବହାର ଏବଂ ନବସୃଜନ ଉପରେ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ ତରୁଣ ବୟସରେ ପିଲାଏ ଦକ୍ଷତା ଓ କୌଶଳ ହାସଲ କଲେ ପରବର୍ତ୍ତୀ ପିଢ଼ିର ଟେକ୍‌ନୋଲଜିର ନେତୃତ୍ୱ ସେମାନେ ନେଇ ପାରିବେ । ଅଟଳ ଟିଂକରିଂ ଇନିସିଏସିଭ୍ ଏମ୍ ନୀତି ଆୟୋଗ ମିଳିତ ଭାବେ ଏହି କାର୍ଯ୍ୟ ହାତକୁ ନେଇଛନ୍ତି ଏବଂ ଏହା ଆରମ୍ଭ ହେବା ଗର୍ବ ଓ ଗୌରବର ବିଷୟ । ଯୁବ ଭାରତୀୟଙ୍କ ମସ୍ତିଷ୍କରେ ବିଶେଷ କରି ପିଲାମାନଙ୍କ ଉପରେ ଏହା ଅଧିକ ପ୍ରଭାବ ପଡ଼ିବ ।

ଏଟିଏଲ୍ ଆପ୍ ଡେଭଲପ୍‌ମେଂଟ୍ ମଡ୍ୟୁଲ ଏକ ଅନ୍‌ଲାଇନ୍ ପାଠ୍ୟକ୍ରମ । ଏହା ବିନା ମୂଲ୍ୟରେ ଉପଲବ୍ଧ । ଏଥିରେ ୬ଟି ପ୍ରକଳ୍ପଭିତ୍ତିକ ଲର୍ଣ୍ଣିଂ ମଡ୍ୟୁଲ ବା ଶୈକ୍ଷିକ ଢାଂଚା ତଥା ଅନ୍‌ଲାଇନ୍ ମେଂଟରିଂ ସେସନ୍ ରହିଛି । ଯୁବ ଇନୋଭେଟରମାନେ ଏହା ମାଧ୍ୟମରେ ବିଭିନ୍ନ ଭାରତୀୟ ଭାଷାରେ ମୋବାଇଲ ଆପ୍ ତିଆରି କରିବା ଶିଖି ପାରିବେ ଏବଂ ଏଥିରେ ସେମାନଙ୍କର ପ୍ରତିଭାକୁ ଦେଖାଇ ପାରିବେ । ଆହୁରି ମଧ୍ୟ ସ୍କୁଲ ଶିକ୍ଷକ, ସାମୟିକ ଶିକ୍ଷକମାନଙ୍କୁ ନେଇ ମଝିରେ ମଝିରେ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେବ । ତାହା ମାଧ୍ୟମରେ ପିଲାଏ ନିଜର ଦକ୍ଷତା ଓ କୌଶଳ ବିକାଶ କରିପାରିବେ ।

ଏହି ମଡ୍ୟୁଲର ଭର୍ଚୁଆଲ୍ ଲଚିଂ ଅବସରରେ ଅଟଳ ଇନୋଭେସନ୍ ମିଶନ୍‌ର ନିର୍ଦ୍ଦେଶକ ଆର. ରମଣନ କହିଛନ୍ତି ଯେ ଆମ ଦେଶର ବିପୁଳ ଲୋକଶକ୍ତିକୁ ବିନିଯୋଗ କରି ଆମକୁ ବିଶ୍ୱଶ୍ରେଣୀୟ ଟେକ୍‌ନୋଲଜି ସୂତ୍ର ବାହାର କରିବାକୁ ପଡ଼ିବ ଏବଂ ଏଥିପାଇଁ ନୂଆ ନୂଆ ଆପ୍ ବିକଶିତ କରିବାକୁ ହେବ ।

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ମାସ୍କ ଆମ ନିତିଦିନିଆ ଜୀବନର ଏକ ଅଂଶ : ଟ୍ୱିଟ୍ ମାଧ୍ୟମରେ କହିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସ୍ୱପ୍ର) : ସାରା ବିଶ୍ୱ ଏବେ କରୋନା ମହାମାରୀ ସହ ଲଢ଼େଇ କରୁଛି । ଏହି କ୍ରମରେ ଓଡ଼ିଶା ମଧ୍ୟ କରୋନାର ଭୟାବହତା ଦେଇ ଗତି କରୁଥିବା ବେଳେ ସାମାଜିକ ଦୂରତା ରକ୍ଷା କରିବା, ମୁହଁରେ ନିୟମିତ ମାସ୍କ ଲଗାଇବା, ବାରମ୍ବାର ହାତ ସଫା କରିବା ସହ ସରକାରୀ ଗାଇଡ୍ ଲାଇନ୍‌କୁ ମାନି ଚଳିବା ଦ୍ୱାରା କରୋନା ପନ୍‌ଝାରୁ ରକ୍ଷା ମିଳି ପାରିବ ବୋଲି ଜନସାଧାରଣ ସଂପୂର୍ଣ୍ଣ ଅବଗତ ହେବା ବାଂଛନୀୟ ହୋଇପଡ଼ିଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ ମାଧ୍ୟମରେ ମାସ୍କକୁ ନିତିଦିନିଆ ଜୀବନର ଏକ ଅଂଶ ଭାବେ ଗ୍ରହଣ କରିବା ପାଇଁ ରାଜ୍ୟବାସୀଙ୍କୁ କହିଛନ୍ତି । ଆଗାମୀ ସମୟରେ ମାସ୍କ ବ୍ୟବହାର ସହ ଶୃଙ୍ଖଳା ତଥା ସାବଧାନତା କରୋନାଠାରୁ ରକ୍ଷା କରିପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି ।

## ବଲାଙ୍ଗିରରେ କରୋନା ମୁକାବିଲା : ସୁଧୁରୁନି ଅବସ୍ଥା

### ସହର ପାଇଁ ପ୍ରଶାସନିକ ବ୍ୟବସ୍ଥା କେତେଦୂର ସଫଳ ?

ବଲାଙ୍ଗିର, (ନିପ୍ର) : କରୋନା ମୁକାବିଲାରେ ବଲାଙ୍ଗିରର ଅବସ୍ଥା ସୁଧୁରୁ ନଥିବା ବେଳେ ସହର ପାଇଁ ପ୍ରଶାସନିକ ବ୍ୟବସ୍ଥା କେତେଦୂର ସଫଳ ବୋଲି ପ୍ରଶ୍ନ ଉଠୁଛି ବୁଦ୍ଧିଜୀବୀ ମହଲରେ । ସହରର ପ୍ରାୟ ୧୨ଟି ପଡ଼ା ଏପର୍ଯ୍ୟନ୍ତ କରୋନା ସଂକ୍ରମିତ ହୋଇ ସାରିଥିବା ସରକାରୀ ରିପୋର୍ଟରେ ପ୍ରକାଶ ପାଇଛି । ଏ ଭିତରୁ ହାତୀଶାଳପଡ଼ାରେ ସର୍ବାଧିକ ୬୧ ଜଣ ସଂକ୍ରମିତ ହୋଇଛନ୍ତି । ସଂପୃକ୍ତ ପଡ଼ାରେ ପ୍ରଥମେ ଦୁଇ ଜଣ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ଦିନକୁ ଦିନ ଏହାର ସଂଖ୍ୟା ବଢ଼ି ବଢ଼ି ଚାଲିଲା । ପ୍ରଶାସନ ସଂକ୍ରମିତ ସଂଖ୍ୟା ଦେଖି ଏହି ଅଂଚଳକୁ କନ୍‌ଟେନ୍‌ମେଂଟ୍ ଜୋନ୍ ଘୋଷଣା କରିବା ସହିତ ସାରା ପଡ଼ାକୁ ବଫର୍ ଜୋନ୍ ଓ ଆଖପାଖ ଦେଇ ଯାଉଥିବା ରାସ୍ତାକୁ ସିଲିଂ ପଏଂଟ୍ ରୂପେ ଘୋଷଣା କରିଥିଲା । କିନ୍ତୁ କନ୍‌ଟେନ୍‌ମେଂଟ୍ ଜୋନ୍‌ବାସୀଙ୍କ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ହୋଇଥିବା ଅଭିଯୋଗ ପ୍ରଶାସନିକ ଘୋଷଣା କେବଳ ଘୋଷଣାରେ ସୀମିତ ଥିବା ପ୍ରମାଣ କରିଥିଲା । ଏପରିକି କରୋନା ଇତିହାସରେ ପ୍ରଥମ ଥର ପାଇଁ କନ୍‌ଟେନ୍‌ମେଂଟ୍ ଜୋନ୍‌ବାସୀ ଯାଇ ପହଂଚିଥିଲେ ଖୋଦ୍ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ । ପରେ ପରେ ନିକଟସ୍ଥ ଠିକାଦାରପଡ଼ା ଓ ବ୍ରାହ୍ମଣପଡ଼ାକୁ ସଂକ୍ରମଣ ବ୍ୟାପିଲା । ଠିକାଦାରପଡ଼ାରେ ପ୍ରଥମେ ଜଣେ ଓ ପରେ ଆଉ ପାଂଚ ଜଣ ଏହି ସଂକ୍ରମଣର ଶିକାର ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ଠିକାଦରପଡ଼ାକୁ ମଧ୍ୟ କନ୍‌ଟେନ୍‌ମେଂଟ୍ ଜୋନ୍ ଘୋଷଣା କରିବା ସହିତ ଅଂଚଳକୁ ସିଲ୍ କରାଯାଇଛି । କିନ୍ତୁ ଏଥର ବି ଘୋଷଣା କେବଳ ଘୋଷଣାରେ ସୀମିତ ମନେ ହେଉଛି । ପ୍ରଥମତଃ ପୁଣିଥରେ କେବଳ ଗୋଟିଏ ଗଳିରେ କନ୍‌ଟେନ୍‌ମେଂଟ୍ ଜୋନ୍ ସୀମିତ ରହିଥିବା ବେଳେ ସେହି ଅଂଚଳରେ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ଗତ ବର୍ଷ ଅଗଷ୍ଟ ମାସର ବନ୍ୟାରେ ଚାଷଜମିରେ ବାଲିଚର ମାଡ଼ି ଯାଇଥିବା କ୍ଷତିପୂରଣ ପାଇନଥିବା ଅଭିଯୋଗ ଆଣିଲେ ଗ୍ରାମବାସୀ

### ସରକାରଙ୍କ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ପ୍ରହସନ ପାଲଟିଛି ?






ପୁଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲାରେ ଗତ ଅଗଷ୍ଟ ୧୩ ତାରିଖ ଦିନ ଅଚାନକ୍ ନିର୍ଘାତ୍ ବର୍ଷାରେ ଘଟିଥିବା ଭୟାନକ ପ୍ରଳୟଙ୍କରୀ ବନ୍ୟା ବିପ୍ଳାତରେ ପୁଇଁନ୍ତଲା ବ୍ଲକ୍ ଅନ୍ତର୍ଗତ ଭାଲେର ଗ୍ରାମ ପଂଚାୟତର ଶହ ଶହ ଏକର ଚାଷ ଜମିକୁ ବାଲିଚର ମାଡ଼ି ଯାଇଥିବା ବେଳେ ଫଟ୍‌କରା ଗାଁର ଚାଷୀମାନଙ୍କ ଚାଷ ଜମି ଉପରେ ମଧ୍ୟ ଅସମ୍ଭାଳ ବାଲିଚର ମାଡ଼ି ଯାଇଥିଲା । କିନ୍ତୁ ପରିତାପର ବିଷୟ ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କ ଚାଷଜମିକୁ ବାଲିଚର ମାଡ଼ି ଯାଇଥିବା କ୍ଷତିପୂରଣ ବାବଦରେ ସରକାର କୌଣସି ସହାୟତା ପ୍ରଦାନ କରି ନଥିବା କ୍ଷୋଭର ସହ ଗ୍ରାମବାସୀମାନେ ପ୍ରକାଶ କରନ୍ତି ।

ଏହି ବନ୍ୟାରେ ସଂପୃକ୍ତ ଗାଁର କୁଂଜବିହାରୀ ପଟେଲଙ୍କ ୦.୫ ଏକର, ସୁରେଶ ପଟେଲଙ୍କ ୧.୦ ଏକର, ଦୁତୀୟା ପଟେଲଙ୍କ ୧.୦ ଏକର, ଧୋବେଇ ପଟେଲଙ୍କ ୧.୦ ଏକର, ଲେକୃ ଚନ୍ଦନଙ୍କ ୦.୫ ଏକର, କେଶବ ଚନ୍ଦନଙ୍କ ୨୫ ଡ଼ିସ୍‌ମିଲ୍, କରୁଣା ପଟେଲଙ୍କ ୦.୫ ଏକର, ଗୋକୁଳା ନାଏକଙ୍କ ୨୫ ଡିସ୍‌ମିଲ୍, ମୋହନ ପଟେଲଙ୍କ ୦.୫ ଏକର, ବିଶିରାମ ପଟେଲଙ୍କ ୨୫ ଡିସ୍‌ମିଲ୍, ଉପିନ ପଟେଲଙ୍କ ୧ ଏକର, ଶ୍ୟାମ ପଟେଲଙ୍କ ୦.୫ ଏକର, ମୋତିଲାଲ ପଟେଲଙ୍କ ୦.୫ ଏକର, ଘାସୀରାମ ପଟେଲଙ୍କ ୦.୫ ଏକର, ହାଡ଼ିଆ ପଟେଲଙ୍କ ୦.୫ ଏକର, ବୁଧ ପଟେଲଙ୍କ ୦୫ ଏକର, ବ୍ୟାସ ପଟେଲଙ୍କ ୦.୫ ଏକର, ଶୁକଦେବ ପଟେଲଙ୍କ ୦.୫ ଏକର, ବଳଦେବ ପଟେଲଙ୍କ ୦.୫ ଏକର, ଜନ୍ମଜୟ ପଟେଲଙ୍କ ୦.୫ ଏକର, ଆଦିତ୍ୟ ନାଏକଙ୍କ ୨୫ ଡିସ୍‌ମିଲ୍, ଲମ୍ବୋଦର ପଟେଲଙ୍କ ୨୫ ଡିସମିଲ୍, ଦାମୋଦର ପଟେଲଙ୍କ ୨୫

(ସପ୍ତମ ପୃଷ୍ଠା ଦେଖନ୍ତୁ)

### ଆନଂଦ




କନ୍‌ଟେନ୍‌ମେଂଟ୍
ଜୋନ୍ ଭିତରେ
ଗରିବ ମରୁଛି ଭୋକରେ,
ଖାଇବାକୁ ନାହିଁ
ପିଇବାକୁ ନାହିଁ
କରୋନାଠୁ ଭୋକ ଉପରେ ।
ନିତି ଖଟି ଖାଏ ମୁଠେ
ଘରେ ବସିଥିଲେ କିଏ ଦେବ ଆଣି
ଖଟିଖିଆ ଶୂନ୍ୟ ହାତେ !!

ୟୁଟ୍ୟୁବ୍ ଥି
ଦେଖୁନ୍ ଆର୍ ଦେଖଉନ୍


ବର୍‌କସ୍ କବି, କଥାନୀକାର୍ ଆର୍ ଆଲୋଚକ୍ ମାନ୍‌କର୍ ଭିଡ଼ିଓ ଥି କୋଶଲୀ କବିତା, କଥାନୀ ଆର୍ ସାହିତ୍ୟର୍ ଭିନେ ଭିନେ ଦିଗ୍ ଉପ୍‌ରେ ଆଲୋଚନା ଶୁନୁନ୍...

digital sahitya machan

ଆଏଜ୍ ତକ୍ ଯେନ୍‌ମାନେ ଇ' ମଚାନ୍ କେ ଆସିଛନ୍ :
ପ୍ରଭାସିନୀ ହୋତା, ଡ. ସନ୍ତୋଷ କୁମାର ରଥ, ନିମାଇଁ ଚରଣ ପାଣିଗ୍ରାହୀ, ସୁଜିତ୍ କୁମାର ଶତପଥି, ସୁଜାତା ଭୋଇ, ସାବିତ୍ରୀ ପୁରୋହିତ, ଲକ୍ଷ୍ମୀନାରାୟଣ ହୋତା, ଦେବହୂତି କର, ସ୍ମୃତି ଶେଫାଳି ମେହେର, ଦାମୋଦର ପଣ୍ଡା

Pl. Subscribe, Share, Like and Comment.

## ସଂପାଦକୀୟ




**ପ୍ରଚଣ୍ଡ ପ୍ରତିଭାବାନ କଥାଶିଳ୍ପୀ ମନୋଜ କୁମାର ପଣ୍ଡାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ଏ ସଂଖ୍ୟାର ସଂପାଦକୀୟ ସ୍ତମ୍ଭ ସମର୍ପିତ ।**

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ. ୯୪୩୭୦୩୯୦୯୬



### ଶିଖ୍‌ର ଭାଇଚାରା

ହିଂସ୍ର ମାନସିକତା ସାମୟିକ ଭାବେ ଜୟଯୁକ୍ତ ହୋଇପାରେ ନାହିଁ କିନ୍ତୁ ଅହିଂସା କେବେ ବି ପରାଜିତ ହୁଏନାହିଁ । ଏ.କେ.୪୭ କିମ୍ବା କ୍ଲାସନିକୋଭ ସଭ୍ୟତା ଓ ସଂସ୍କୃତିର ଭାଗ୍ୟ ନିର୍ଦ୍ଧାରଣ କୌଣସି ଯୁଗରେ କରିପାରି ନାହାନ୍ତି । ପରିଶେଷରେ ପ୍ରେମ ଓ ଶାନ୍ତି ହିଁ ଯୁଗଚେତନାକୁ ମହନୀୟ କରି ଗଢ଼ି ତୋଳନ୍ତି ।

୧୯୮୦ରୁ ୧୯୯୦ ମଧ୍ୟବର୍ତ୍ତୀ ଦଶକ ପଂଜାବ ଇତିହାସକୁ ମଳିନତର କରିଛି । ସାମାନ୍ୟ ଟିକିଏ କଥାରେ ରକ୍ତସ୍ରୋତ ବୁହାଉଥିବା ଏହି ଦୁର୍ଦ୍ଧର୍ଷ ଜାତି ନିଜ ପଡ଼ିଶା ଭାଇ ବନ୍ଧୁଙ୍କ ପ୍ରତି କେତେ ସଂବେଦନଶୀଳ ତା'ର ଏକ ସୁନ୍ଦର ଉଦାହରଣଟିଏ । ହୋଲୋ ମୋହଲ୍ଲା (ହୋଲି)ର ପବିତ୍ର ଅବସର । ଶସ୍ୟଶ୍ୟାମଳା ପଂଜାବର ଛୋଟିଆ ଗାଆଁଟିଏ । ହିନ୍ଦୁ ଓ ଶିଖ୍‌ମାନେ ପରସ୍ପରକୁ ରଂଗରେ ଭିଜେଇ ବଡ଼ ସ୍ନେହରେ ଆଲିଙ୍ଗନାବଦ୍ଧ ହେଉଥାନ୍ତି । ଏହି ମାଟି, ପାଣି, ପବନରେ ସେମାନେ ଏକ ସଂଗେ ବଢ଼ିଛନ୍ତି । ଆଜି ସମସ୍ତେ ଉନ୍ମାଦିତ ଜଣା ପଡୁଥାନ୍ତି । ଏତେବେଳେ କେତେ ଜଣ ଉଗ୍ରପନ୍ଥୀ ହାତରେ ଏ.କେ.୪୭ ଧରି ହାଜର ହେଲେ । ଶୂନ୍ୟରେ ଗୁଳି ଫୁଟାଇ ଏହି ନୃଶଂସମାନେ ଶିଖ୍‌ମାନଙ୍କୁ ପୃଥକ୍ ହଟିବା ପାଇଁ ନିର୍ଦ୍ଦେଶ ଦେଲେ । କାରଣ ସେମାନଙ୍କୁ ହିନ୍ଦୁମାନଙ୍କୁ ମାରିବାର ଥାଏ । ହୋଲି ଖେଳୁଥିବା ସମସ୍ତ ଶିଖ୍ ସେମାନଙ୍କ ପ୍ରସ୍ତାବକୁ ଅସ୍ୱୀକାର କଲେ । ସେମାନେ କହିଲେ – 'ଏଠାରେ ହିନ୍ଦୁ କିମ୍ବା ଶିଖ୍ ବୋଲି କେହି ଜଣେ ବି ନାହାନ୍ତି । ସମସ୍ତେ ଏକମାତ୍ର ମନୁଷ୍ୟ ଜାତିର । ମଣିଷ ମନଭରି ଜୀବନକୁ ଉପଭୋଗ କରୁଛନ୍ତି । ଜଣେ ଅନ୍ୟ ଜଣକର ଦୁଃଖସୁଖର ସାଥୀ । ମାରିବ ତ ସମସ୍ତଙ୍କୁ ମାର । ନଚେତ୍ ସମସ୍ତଙ୍କୁ ଛାଡ଼ । ସାଥୀ ହୋଇ ବଂଚିଛୁ, ସାଥୀ ହୋଇ ପ୍ରାଣ ଦେବା ପାଇଁ ଆମେ ପ୍ରସ୍ତୁତ ।' ଆତଙ୍କବାଦୀମାନେ ଅନ୍ତିମ ଚେତାବନୀ ଦେଲେ । ମାତ୍ର ସମସ୍ତେ ଆହୁରି ଦୃଢ଼ତାର ସହିତ ପରସ୍ପରର ହାତ ଧରି ମୃତ୍ୟୁ ପାଇଁ ପ୍ରସ୍ତୁତ ବୋଲି ଘୋଷଣା କଲେ । ଏହା ଅଗ୍ନିରେ ଘୃତାହୂତିର କାମ କଲା । ଆତଙ୍କବାଦୀଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଗଲା । ସେମାନଭ୍‌କ ହୃଦୟ ପରିବର୍ତ୍ତନ କ'ଣ ହେବ, ବନ୍ଧୁକର ଅନବରତ ଗର୍ଜନରେ ଗଗନ ପବନ ଫାଟି ପଡ଼ିଲା । ଏକ ସଂଗେ ପଚାଶ ଜଣ ଟଳି ପଡ଼ିଲେ । ସେମାନଙ୍କ ମଧ୍ୟରେ ପ୍ରାୟ ପଇଁତିରିଶ ଜଣ ଶିଖ୍ ଧର୍ମାବଲମ୍ବୀ ଥିଲେ ।

ଏହାକୁ ଆମେ ଆତଙ୍କବାଦୀଙ୍କ ବିଜୟ ବୋଲି କହି ପାରିବା କି ? ଧର୍ମଗତ କାରଣ ରହିଥିଲେ ସେମାନେ ଆପଣା ଲୋକଙ୍କୁ କିପରି ମାରିଥାନ୍ତେ ? ଏହା ବିଶୁଦ୍ଧ ହିଂସ୍ର ମାନସିକତା । କିନ୍ତୁ ଏହି ପଚାଶ ଜଣ ନିରପରାଧ ଆତ୍ମାଙ୍କ ବଳିଦାନ ମୃତ୍ୟୁକୁ ଜିଣି ପକାଇଲା । ହିଂସା ହାରିଗଲା । ପ୍ରେମ ଜିତିଲା । ଏହା ହିଁ ଚିରନ୍ତନ ନିୟମ ।

# ସାହିତ୍ୟର ଦୀକ୍ଷାନ୍ତର

## ଶରଦିନ୍ଦୁ ଭୂଷଣ ହୋତା



'ପ୍ରଜାତନ୍ତ୍ର' ବିଷୁବ ଉତ୍ସବ ଉଦ୍‌ଘାଟନ କରି ସାହିତ୍ୟିକ ଚିତ୍ତରଂଜନ ଦାଶ ପ୍ରସଙ୍ଗ କ୍ରମେ ଥରେ ପଦିଏ ତାତ୍ପର୍ଯ୍ୟପୂର୍ଣ୍ଣ କଥା କହିଥିଲେ । ମାନବବାଦୀ ଚିନ୍ତାନାୟକ ହିସାବରେ ଏହି ଜ୍ଞାନତପସ୍ୱୀଙ୍କ ସୃଜନଶୀଳତାର ପଟାନ୍ତର ନାହିଁ । ଭାରତର ସାରସ୍ୱତ ଜଗତରେ ପୂଜ୍ୟ ଚିତ୍ତଭାଇ ସ୍ୱମହିମାରେ ପ୍ରତିଷ୍ଠିତ । ସ୍ରଷ୍ଟା ପୁରୁଷ ଚିତ୍ତରଂଜନଙ୍କ ବକ୍ତିତ୍ୱ ସହିତ ଓଡ଼ିଶାର ଅଗଣିତ ଜୀବନାନୁରାଗୀ ମଣିଷ ବେଶ୍ ପରିଚିତ । ପାଇବା ଅପେକ୍ଷା ଦେବାରେ ତାଙ୍କର ଆନନ୍ଦ । ଆତ୍ମାର ଗହନ ସନ୍ଧିରୁ ଚେତନଶୀଳ ଉଚ୍ଚାରଣଟିଏ ନିର୍ଭିକ ଓ ନିର୍ମୋହ ଶୈଳୀରେ ପ୍ରକାଶ କରିବା ପାଇଁ ତାଙ୍କ ପ୍ରତିଭା ଯେଉଁ ସୌନ୍ଦର୍ଯ୍ୟ ଓ ସାର୍ଥକତା ଆଣି ଦେଇଛି, ତାହା ସାହିତ୍ୟାନୁରାଗୀ ମହଲରେ ସର୍ବଜନ ବିଦିତ । ବହୁ ପୁରସ୍କାର, ସ୍ୱୀକୃତି ସେ ପାଇଥିଲେ । ପୁରସ୍କାର ପାଇବା ଲୋଭ ତାଙ୍କର ନଥିଲା । ପୁରସ୍କାରଟିଏ ପାଉଛନ୍ତି ବୋଲି ଅହେତୁକ ଆନନ୍ଦରେ କୁରୁଳି ଉଠି କେବେ କିଛି କହୁ ନଥିଲେ ବା ଶୁଷ୍କ ଔପଚାରିକତାର ଦାୟରେ କିଛି ଉଚ୍ଚାରଣ କରୁ ନଥିଲେ । ଅଙ୍ଗୀକାରବଦ୍ଧ ସୃଜନଶୀଳତାର ତାଗିଦ୍‌ରେ ଉତ୍ତୀର୍ଣ୍ଣ ଚେତନାର ଭୂମିରୁ ଆଗାମୀ ସମୟର ମଣିଷ ସପକ୍ଷରେ ସେ କଥା ପଦକ କହିଥିବେ । ସେହି କାରଣରୁ ଏହି ଅନୁଭବୀ ସାରସ୍ୱତ ପୁରୁଷଙ୍କ ବକ୍ତବ୍ୟଟି ସ୍ୱତନ୍ତ୍ର ଭାବେ ଏକ ପ୍ରଣିଧାନର ପ୍ରାସଙ୍ଗିକତା ରଖେ ।

ସୂଚନାକ୍ରମେ ସେ କହିଥିଲେ ଯେ, ଏକବିଂଶ ଶତାବ୍ଦୀରେ ରାଜନୀତି ଭଳି ଅନ୍ୟାନ୍ୟ ଅନେକ ଜିନିଷ ସହ ସାହିତ୍ୟ ସଂସ୍କୃତି ମଧ୍ୟ ନିମ୍ନଗାମୀ ହେବ । ପରିଣାମରେ ମାନବ ଅସ୍ତିତ୍ୱ ପାଇଁ ଏକ ଆତଙ୍କଜନକ ପରିସ୍ଥିତି ସୃଷ୍ଟି ହେବ । ଶଙ୍କା ଜଗାଇଦେବା ଭଳି ସୂଚନା ଦେବାର ପାଣ୍ଡିତ୍ୟ ସେ କରି ନଥିଲେ । ସ୍ୱଭାବ ସୁଲଭ ଭଙ୍ଗୀରେ ଏଇ ସଂକଟକୁ ଏଡ଼ାଇବା ପାଇଁ ଉପାୟ ଚିନ୍ତା କରି ମାର୍ଗଦର୍ଶନ ମଧ୍ୟ କରିଥିଲେ । ଏହି ପ୍ରସଙ୍ଗରେ ସବୁ କଥାକୁ ତଉଲି ତାଉଲି ଏବଂ ତହିଁରୁ ଛାଣି ଆଣି ଗୋଟାମୋଟା ସତ୍ୟ କଥାଟି ସେ କହି ଦେଇଥିଲେ । ଯୋଗୀଜନ ସୁଲଭ ସରଳତା ଓ ପ୍ରାଂଜଳତା ନେଇ ଉପସ୍ଥିତ ସାହିତ୍ୟିକ ବୃନ୍ଦଙ୍କ ଆଡ଼କୁ ଭରସା ରଖିଥିବା ଚକ୍ଷୁରେ ଅନାଇ ନିତାନ୍ତ ଆବେଦନମୟ ସ୍ୱରରେ ମତପ୍ରକାଶ କରି କହିଥିଲେ ଯେ, ସବୁ ବ୍ୟାପାରର କେନ୍ଦ୍ରରେ ମନୁଷ୍ୟ ଓ ମନୁଷ୍ୟତାର ଅଭିଷେକ କରାଯାଇ ପାରିଲେ ଏହି ସଂକଟକୁ ଏଡ଼ାଇ ଦେଇ ହେବ । ସେଥିପାଇଁ ଆମ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ କ୍ରିୟାଶୀଳ ରହିଥିବା ସୃଜନ ପ୍ରୟାସକୁ ଏକ ନୂତନ ଦୀକ୍ଷାରେ ସଂଚାଳିତ କରାଯାଉ ବୋଲି ପ୍ରତିଭାଧର ସ୍ରଷ୍ଟା ପୁରୁଷମାନଙ୍କୁ ଏକ ଆହ୍ୱାନମୟ ନିବେଦନ ଜଣାଇଥିଲେ । ତାଙ୍କ ବକ୍ତବ୍ୟରୁ ଜଣାଯାଉଥିଲା ଯେ, ସେ ଉପଦେଶ ଦେଉ ନାହାନ୍ତି । ଅହେତୁକ ସମାଲୋଚନା କରି ଆଘାତ ହାଣୁ ନାହାନ୍ତି । ବରଂ ସମସ୍ତଙ୍କର ସମ୍ମିଳିତ ପ୍ରଚେଷ୍ଟାରେ ଜଗତ ଓ ଜୀବନ ସମ୍ମୁଖରେ ଆହ୍ୱାନ ରୂପେ ଉପସ୍ଥିତ ହୋଇ ସାରିଥିବା ସଂକଟକୁ ଏଡ଼ାଇବା ପାଇଁ ଏକ ସୃଜନାନୁରାଗୀ ପରିବେଶ ନିର୍ମାଣ ହେଉ ବୋଲି ଯତ୍ନ କରିଥିଲେ ।

ତାଙ୍କ କଥାଟିକୁ ସର୍ବପ୍ରଥମେ ସେ ସାହିତ୍ୟିକମାନଙ୍କଠାରେ ଉପସ୍ଥାପନ କରିଥିଲେ । କାରଣ ସେମାନଙ୍କ ଉପରେ ହିଁ ଅସଲ ସମାଧାନଟି ନିର୍ଭରଶୀଳ । ସାହିତ୍ୟ ସଂସ୍କୃତି ଏବେ ନିମ୍ନଗାମୀ ହୋଇଯାଉଛି ବୋଲି ଯଦି ଅନୁଭବ କରାଯାଉଛି, ତେବେ ତାହା ମଧ୍ୟ ସ୍ରଷ୍ଟା ପୁରୁଷମାନଙ୍କର ସୃଜନ ପ୍ରବୃତ୍ତି ଓ ପ୍ରୟାସରେ କୌଣସିଠାରେ କିଛି ତ୍ରୁଟି ରହିଯାଇଥିବା ହେତୁ ହେଉଛି ବୋଲି ସ୍ୱୀକାର କରିବାକୁ ପଡ଼ିବ । ସ୍ରଷ୍ଟା ପୁରୁଷର ପ୍ରେରଣା ରୂପେ ଯେଉଁ ନିୟାମକ ପ୍ରବୃତ୍ତି ତାର ସୃଷ୍ଟି ଚେତନାକୁ ସଂଚାଳିତ କରେ, ତାହା ହିଁ ପ୍ରତିଭାକୁ ମାଧ୍ୟମ କରି ଆପଣାର ସୃଷ୍ଟି ସଂଭାର ଗଢ଼ିଦିଏ । ସ୍ରଷ୍ଟାର ସୃଜନପ୍ରୟାସକୁ ପ୍ରେରିତ କରୁଥିବା ପ୍ରବୃତ୍ତି ଯାହାର ଯେତିକି ଏବଂ ଯେଉଳି ତା'ର ସୃଷ୍ଟିର ଗୁଣ ବୈଶିଷ୍ଟ୍ୟ ମଧ୍ୟ ସେତିକି ଏବଂ ସେଉଳି । ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଦେଖା ଦେଉଥିବା ଅବକ୍ଷୟର ଉତ୍ସ ସଂଧାନ ପାଇଁ ସତକୁ ସତ ମନ ବଳାଇଲେ ନିଶ୍ଚିତ ଧରା ପଡ଼ିଯିବ ଯେ ତୁଚ୍ଛା ପ୍ରତିଭାର କରାମତି ଦେଖାଇ ସେଗୁଡ଼ିକର ସ୍ରଷ୍ଟା ପୁରୁଷମାନେ ଯେତେ ପୁଲକିତ ହେଉଥିଲେ ମଧ୍ୟ, ଅସଲରେ ସେମାନେ ସେମାନଙ୍କ ସୃଷ୍ଟିପ୍ରାଣତାର ନିୟାମକ ପ୍ରବୃତ୍ତି ହିଁ ନିମ୍ନଗତି ଧରିଛି । ସେଥିପାଇଁ ବୋଧେ ଚିତ୍ତଭାଇ ଏହି ଅସୁସ୍ଥତାର ମୂଳଗତ ଚିକିତ୍ସା ପାଇଁ ମନ ବଳାଇ ଉତ୍ସବରେ ସମାଗତ ସାହିତ୍ୟ ସ୍ରଷ୍ଟା ମାନଙ୍କ ମାଧ୍ୟମରେ ସମସ୍ତଙ୍କୁ ଆପଣା ଆପଣାର ସୃଷ୍ଟି ଆଭିମୁଖ୍ୟରେ ଏକ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ ।

ତାଙ୍କରି କଥାର ଖିଅ ଧରି ବିଚାର କରାଯାଉ ଯେ, ଆମ ସାହିତ୍ୟ ସଂସ୍କୃତି କ୍ଷେତ୍ରକୁ ଏଭଳି ଅବକ୍ଷୟ ଆସିଲା କାହିଁକି ଓ କିଭଳି ? ଆମରି ଅବକ୍ଷୟ ସେହି ଦିନଠାରୁ ଆରମ୍ଭ ହୋଇଛି, ଯେଉଁଦିନଠାରୁ ସାହିତ୍ୟ ସଂସ୍କୃତି କ୍ଷେତ୍ରର ସ୍ରଷ୍ଟାମାନସ ଆପଣାର ସ୍ୱଧର୍ମ ହରାଇ ଚେତନାଗତ ଦାସତ୍ୱର ଶିକାର ହୋଇ ପଡ଼ିଛି । ଜୀବନର ଯାବତୀୟ ବ୍ୟାପାରରେ ଭାରତୀୟ ମନିଷାର ଏକ ସ୍ୱାତନ୍ତ୍ରୀୟ ଓ ବୈଶିଷ୍ଟ୍ୟ ରହିଛି । ଜୀବନ, ମୃତ୍ୟୁ, ଯନ୍ତ୍ରଣା, ଅସହାୟତା ଏପରିକି ଉତ୍ତରଣ ପାଇଁ ମଧ୍ୟ ଏକ ଅନନ୍ୟ ଭାରତୀୟ ଦୃଷ୍ଟିଭଂଗୀ ରହିଛି । ମାତ୍ର ୟୁରୋପୀୟ ସଭ୍ୟତାରେ ନବଜାଗରଣ ଆରମ୍ଭ ହେବା ପରେ ପରେ ତାର ଆଖି ଝଲସା ଜୁଲୁସ୍ ଦେଖି ଭାରତୀୟ ସୃଷ୍ଟି ମାନସ ମଧ୍ୟ ଆପଣାର ବୈଶିଷ୍ଟ୍ୟର ପ୍ରାମାଣିକ ଅନନ୍ୟତା ହରାଇ କ୍ରମଶଃ ଅଧିକରୁ ଅଧିକ ପ୍ରଭାବିତ ହେବାକୁ ଆରମ୍ଭ କଲା । ତାହାରି ପରିଣାମରେ ଅବନତି ଓ ଅବକ୍ଷୟର ପୈଶାଚିକ ତୋରଣ ଉନ୍ମୋଚିତ ହୋଇଗଲା । ୟୁରୋପୀୟ ନବ ଜାଗରଣର ପ୍ରଭାବରେ ବିଶ୍ୱର ଅଧିକାଂଶ ଦେଶର ସଭ୍ୟତା, ସାହିତ୍ୟ, ସଂସ୍କୃତି ଓ ରାଜନୀତି କ୍ଷେତ୍ରରେ ସବୁକିଛି ଓଲଟ ପାଲଟ ହୋଇଗଲା ଭଳି ଆମ ଦେଶରେ ମଧ୍ୟ ତାହା ହିଁ ଘଟିଲା । ଆମ ସାହିତ୍ୟ, ସଂସ୍କୃତିର ସୃଷ୍ଟି ଧାରା ତେଣିକି ବହୁଳାଂଶରେ ୟୁରୋପୀୟ ସୃଷ୍ଟିଧାରାର ହାତ ଧରି ବାଟ ଚାଲିଲା । ପରିଣତିରେ ଅବସ୍ଥା ଆସି ଏପରି ଏକ ସ୍ତରରେ ପହଂଚି ଯାଇଛି ଯେ, ଆମ ଦେଶର ଶିଳ୍ପୀ, ସାଧକ, ସାହିତ୍ୟିକମାନେ ମଧ୍ୟ ଆପଣା ଆପଣା ସୃଷ୍ଟି କର୍ମର ସାର୍ଥକତା ପାଇଁ ୟୁରୋପୀୟ ଅନୁମୋଦନ ପାଇବାକୁ ପରମ ପୁରୁଷାର୍ଥ ବୋଲି ମନେକଲେ । ସେଇ ଲୋଭରେ ଆମ ସାରସ୍ୱତ ଜୀବନର ଅନୁଶୀଳନ ଧାରାରେ ରହିଥିବା ବୈଶିଷ୍ଟ୍ୟକୁ ଗୌଣ କରି ତାହାରି ସ୍ଥାନରେ ୟୁରୋପୀୟ ଅନୁଶୀଳନ ଧାରାର ମୂଲ୍ୟବୋଧ ଗୁଡ଼ିକୁ ଅଧିକ ଗୁରୁତ୍ୱ ଦେଇ ପ୍ରତିଷ୍ଠା କଲେ । ତହିଁରେ ଯାହା ଫଳ ହେବା କଥା ହେଲା । ଏଇ ପରାଭବତାର କାରଣରୁ ଆମ ଶିଳ୍ପୀ, ସାହିତ୍ୟିକ ମାନଙ୍କର ମଣିଷ ପାଇଁ ରହିଥିବା ଦୃଷ୍ଟିଭଂଗୀରେ ମଧ୍ୟ ଆମୂଳଚୂଳ ଏକ ପରିବର୍ତ୍ତନ ହେଲା । ସମସ୍ତ ପ୍ରକାରର ଦୁର୍ଯୋଗ, ଦୁର୍ଦ୍ଦଶା ଓ ଜଂଜାଳ ସତ୍ତ୍ୱେ ମଣିଷ ମଧ୍ୟରେ ଏକ ମୃତ୍ୟୁଲଂଘୀ ଆଧ୍ୟାତ୍ମିକ ଅଭିପ୍‌ସା ମଧ୍ୟ ରହିଛି । ତାହାର ପରିପୂରଣ ପଥରେ ରହିଥିବା ଯାବତୀୟ ବାଧା ଓ ସଂକଟ ମଧ୍ୟରୁ ତାର ଅସ୍ତିତ୍ୱକୁ ଉଦ୍ଧାର କରିବା ପାଇଁ କ୍ରମଶଃ ସାହିତ୍ୟ ସଂସ୍କୃତି ମଧ୍ୟରୁ ଆବଶ୍ୟକୀୟ ଇଂଗିତ ମିଳିବାରେ ଅଭାବ ଦେଖାଦେଲା । ସଂକଟମୁକ୍ତି ପାଇଁ ମଣିଷ ଭିତରେ ହିଁ ରହିଥିବା ଶକ୍ତି, ସାମର୍ଥ୍ୟ ଓ ପରାକ୍ରମର ଅନୁଶୀଳନୀ ପ୍ରେରଣା ସୃଷ୍ଟି କରିବା ପରିବର୍ତ୍ତେ ସାହିତ୍ୟ କେବଳ ମଣିଷର ଜଂଜାଳ, ଯନ୍ତ୍ରଣା ଓ ଅସହାୟତାକୁ କେତେ କେତେ ପ୍ରକାରର ବ୍ୟଂଜନା ଦେଇ ପ୍ରକାଶ କରିବାରେ ଅଧିକରୁ ଅଧିକ ଉତ୍ସାହ ଦେଖାଇଲା । ମୃତ୍ୟୁ, ଯନ୍ତ୍ରଣା, ଅସହାୟତା ଓ ନିସଂଗତା ଆଦିକୁ ମଣିଷର ନିୟତି ବୋଲି ଘୋଷଣା କରି ଦିଆଗଲା । ରୂପ, ରସ, ରଂଗ ଦେଇ ସ୍ରଷ୍ଟା ପୁରୁଷମାନେ ତାହାକୁ ହିଁ ଆପଣାର ସୃଷ୍ଟି ବୋଲି ମଣିଷ ପାଖରେ ପରସି ଦେଲେ । ଏଇ କଥାଟି ଯିଏ ଯେତେ ପାରଗତାର ସହିତ କରି ପାରିଲେ, ତାଙ୍କୁ ସେତେ ବଡ଼ ଓ ପ୍ରତିଭାଶାଳୀ ବୋଲି ମାନ୍ୟତା ଦିଆଗଲା । ମାତ୍ର ମାନବ ଅସ୍ତିତ୍ୱ ମଧ୍ୟରେ ହିଁ ଯେ ମୃତ୍ୟୁଲଂଘୀ ସମ୍ଭାବନା ଓ ପ୍ରତିଶ୍ରୁତି ମହଜୁଦ୍ ଅଛି ଏବଂ ଇଚ୍ଛା କଲେ ମଣିଷ ତାକୁ କାମରେ ଲଗାଇବାକୁ ସକ୍ଷମ ହେବ, ଏ ପ୍ରକାର ପ୍ରେରଣା, ପ୍ରତିଶ୍ରୁତି ଓ ପରିବେଶ ସୃଷ୍ଟି ପାଇଁ ସାହିତ୍ୟ ସଂସ୍କୃତି କ୍ରମଶଃ ଅସମର୍ଥ ହୋଇ ପଡ଼ିଲା । ମଣିଷ କିଭଳି ମୃତ୍ୟୁ କବଳିତ ହେଉଛି, ମନୁଷ୍ୟତାର କିଭଳି ପତନ ହେଉଛି, କିଭଳି ଭାବରେ ଆତ୍ମାର ଆହ୍ୱାନକୁ ଏଡ଼ାଇ ମଣିଷ ପରାଭବ ସ୍ୱୀକାର କରି ନେଉଛି, କେବଳ ସେଗୁଡ଼ିକୁ କଳାତ୍ମକ କାରିଗରି ଦେଖାଇ ଚିତ୍ରିତ ଓ ପ୍ରଦର୍ଶିତ କରାଗଲା । ଅପରପକ୍ଷେ ମୃତ୍ୟୁକୁ ଅବଲୁପ୍ତ କରି ତଥାପି ଅମୃତ ଅଧିଗମନର ସ୍ପୃହା ମଣିଷ ଭିତରେ କିପରି ବଳବତ୍ତର ରହିଛି ତାର ଯଥାଯୋଗ୍ୟ ଆବିଷ୍କାର ଓ ଅନୁଶୀଳନ ପାଇଁ ପ୍ରତିଭାଶାଳୀ ସ୍ରଷ୍ଟାମାନେ ମଧ୍ୟ ଆଗ୍ରହ ହରାଇ ବସିଲେ । ମଣିଷର ଦୁଃଖ ଯନ୍ତ୍ରଣାକୁ ଖିନ୍‌ଭିନ୍ କରି ଉଖାରି ଦେଖିବାରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହୁଏତ ଆତ୍ମରତିମଗ୍ନ ଉଲ୍ଲାସ ଅନୁଭବ କଲେ । ମାତ୍ର ପୀଡ଼ିତ ମାନବକୁ ମୃତ୍ୟୁଲଂଘୀ ବାର୍ତ୍ତାଟିଏ ଦେବାପାଇଁ ସେମାନଙ୍କ ସୃଷ୍ଟି ସଂପୂର୍ଣ୍ଣ ଅପାରଗ ହୋଇ ପଡ଼ିଲା । ସାହିତ୍ୟର ସେଉଳି ସ୍ରଷ୍ଟାମାନେ ଯେତେ ପ୍ରତିଭାଶାଳୀ ହୋଇଥିଲେ ମଧ୍ୟ ମଣିଷକୁ ସଂଖୋଳି ବା ତା'ର ଯନ୍ତ୍ରଣାକୁ ଆପେ ବହନ କରି ପ୍ରତିଦାନରେ ତହିଁରୁ ତାର ମୁକ୍ତି ପାଇଁ ଉପାୟ ବତାଇ ପାରନ୍ତି ନାହିଁ । ସେମାନଙ୍କ ସୃଷ୍ଟି ମଣିଷର ସତ୍ତାକୁ ଉଦ୍‌ବୋଧିତ କରିବା ଭଳି ପ୍ରତ୍ୟୟଦୀପ୍ତ ବା ପ୍ରତିଶ୍ରୁତିପୂର୍ଣ୍ଣ କଥା ପଦିଏ ଉଚ୍ଚାରଣ କରି ପାରେନାହିଁ । ସେମାନଙ୍କର ହୁଏତ ପ୍ରତିଭା ଥାଏ । ମାତ୍ର ମଣିଷକୁ ବୁଝିବା ଓ ସଂଖୋଳିବା ପାଇଁ ଆବଶ୍ୟକ ହେଉଥିବା ଦରଦୀ ପ୍ରେମ ସଂଦୀପନା (Love Pathos)ର ସେମାନେ ଧାର ଧାରନ୍ତି ନାହିଁ । ଫଳରେ ପ୍ରତିଭାଶାଳୀ ହୋଇଥିବା ସତ୍ତ୍ୱେ ସେମାନେ ମଣିଷର ଦରଦୀ ଓ ପ୍ରେମିକ ହୋଇ ପାରନ୍ତି ନାହିଁ । ପ୍ରେମ ନଥିବାରୁ ମଣିଷକୁ ତାର ଜ୍ୱାଳା ଯନ୍ତ୍ରଣା ଓ ଜଂଜାଳ କବଳରୁ ରକ୍ଷା କରିବା ପାଇଁ ସେମାନଙ୍କ ସୃଜନଶୀଳତାରେ କୌଣସି ଦାୟିତ୍ୱପୂର୍ଣ୍ଣ ପ୍ରୟାସ ରହେନାହିଁ । ସେମାନଙ୍କ ପ୍ରତିଭା କେବଳ କାରିଗରି ଓ କରାମତି ପ୍ରଦର୍ଶନ ପାଇଁ ମଣିଷର ଅସହାୟତା ଓ ଯନ୍ତ୍ରଣାକୁ ଆବଶ୍ୟକୀୟ କଂଚାମାଲ ରୂପେ ବ୍ୟବହାର କରିଥାଏ । ସେଉଳି ସ୍ରଷ୍ଟା ବା ସୃଷ୍ଟି ପାଖରୁ ମଣିଷ ଆତ୍ମିକ ଉତ୍‌ଥାନ ପାଇଁ କୌଣସି ପ୍ରକାରେ କିଛି ପାଇ ପାରେନାହିଁ । ଚେତନାର ଦାସତ୍ୱ ଭୋଗୀ ଭୋଗୀ ସାହିତ୍ୟ ସଂସ୍କୃତି କ୍ଷେତ୍ରର ସୃଷ୍ଟି ପ୍ରତିଭା ଏଭଳି ପଲ୍ଲବଗ୍ରାହୀ ଓ ପ୍ରଫେସନାଲ୍ ହୋଇ ପଡ଼ିବାର ଯେଉଁ ପ୍ରବଣତା ଦେଖା ଦେଇଛି, ତାକୁ ହିଁ ସାହିତ୍ୟ ସଂସ୍କୃତିର ନିମ୍ନଗାମୀ ହୋଇ ପଡ଼ିବା ବୁଝିବାକୁ ହେବ । ପ୍ରତିଭାର ସେଉଳି ଅପପ୍ରୟୋଗ ହେତୁ ହୁଏତ ନାନା ପ୍ରକାରର ହଟଚମଟ ସୃଷ୍ଟିକାରୀ ଉତ୍ତେଜନା ଦେଖାଦିଏ । ମାତ୍ର ଜଂଜାଳ ଓ ଯନ୍ତ୍ରଣାରେ କାବୁ ନ ହୋଇ ସେଗୁଡ଼ିକ ଅତିକ୍ରମ କରିପାରିବା ପାଇଁ ମାନବ ଅସ୍ତିତ୍ୱ ମଧ୍ୟରେ ହିଁ ଯେଉଁ ଊର୍ଦ୍ଧ୍ୱଚାରୀ ଅଭିପ୍‌ସା ରହିଛି, ତାର ପରିପୂରଣ ପାଇଁ କିଛି କରାଯାଇ ପାରେନାହିଁ । ଫଳରେ ଚତୁର୍ଦ୍ଦିଗରେ ନାନା ପ୍ରକାରର ଉତ୍ସବ ଆଡ଼ମ୍ବର ଆୟୋଜିତ ହୋଇ ଷୋଡ଼ଷ ଉପଚାରରେ ସାହିତ୍ୟ ସଂସ୍କୃତିର ନାମକୀର୍ତ୍ତନ ସିନା ଚାଲୁଥାଏ, ସେଗୁଡ଼ିକୁ କେନ୍ଦ୍ର କରି ନେଇ ଆଣି ଥୋଇପାରୁଥିବା ଲୋକଙ୍କ ହାମ୍ ବଡ଼ାମି ସିନା ବଢୁଥାଏ; ମାତ୍ର ଆନନ୍ଦ, ଉତ୍କର୍ଷ ଓ ଉତ୍ତରଣ ପାଇଁ ରହିଥିବା ମଣିଷର ନିତ୍ୟସିଦ୍ଧ ଅଧିକାର ଅଧିକରୁ ଅଧିକ ବିଡ଼ମ୍ବିତ ହୋଇ ରହିଥାଏ । ମଣିଷ ଯେଉଁ ତିମିରେକୁ ସେହି ତିମିରେ । ସେଉଳି ରୁଦ୍ଧ, ପତିତ, ବିଡ଼ମ୍ବିତ ଓ ଅପମାନିତ ହୋଇ ହିଁ ଜୀଇଁଥାଏ । ମାନବପ୍ରେମୀ ଚିତ୍ତରଂଜନ ବୋଧହୁଏ ଆପଣା ବକ୍ତବ୍ୟରେ ଏଇ କଥାର ଇଂଗିତ ଦେଇ ସାବଧାନ କରିଦେବାକୁ ଚାହିଁଥିଲେ । ପ୍ରତିଭା ଓ ସୃଜନଶୀଳତାର ବାଜେ ବ୍ୟବହାର ବନ୍ଦ କରି ସେଗୁଡ଼ିକୁ ମଣିଷ ସପକ୍ଷରେ ପ୍ରୟୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ । ସର୍ବତ୍ର ମନୁଷ୍ୟ ଓ ମନୁଷ୍ୟତାର ଅଭିଷେକ ପାଇଁ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ସଟ୍‌କଟ୍ ନ୍ୟୁଜ୍

ମୁମ୍ବାଇ : ବଲିଉଡ୍ ଜଗତ ମଧ୍ୟ ଏବେ କରୋନା ପାଇଁ ଅପହଂଚ ହୋଇ ରହିନାହିଁ । ବିଗ୍ ବି ଅମିତାଭ ବଚ୍ଚନ ଏବଂ ତାଙ୍କ ପୁଅ ଅଭିଶେକ ବଚ୍ଚନଙ୍କ ପରେ ଐଶ୍ବର୍ଯ୍ୟା ଓ ତାଙ୍କ କନ୍ୟା ଆରାଧ୍ୟା ମଧ୍ୟ କରୋନା ଦ୍ୱାରା ସଂକ୍ରମିତ ହୋଇଥିବା ସୂଚନାରେ କୁହାଯାଇଛି । ଟେଲିଭିଜନ ଅଭିନେତା ପାର୍ଥ ସମଥାନ ମଧ୍ୟ କରୋନା ସଂକ୍ରମିତ ହୋଇଥିବା ବେଳେ ଅନୁପମ ଖେରଙ୍କ ପରିବାରର ୪ ଜଣ ସଦସ୍ୟ ମଧ୍ୟ କରୋନା ଆକ୍ରାନ୍ତ ହୋଇ ସାରିଥିବା ଖବରରେ କୁହାଯାଇଛି ।

ବ୍ରହ୍ମପୁର : ଓଡ଼ିଶାର ଗଂଜାମ ଜିଲ୍ଲାକୁ ଯେମିତି ବେହାଲ୍ କରିବାରେ ଲାଗିଛି କରୋନା । ଅନ୍ୟ ସମସ୍ତ ଜିଲ୍ଲାଠାରୁ ବେଶୀ ସଂକ୍ରମଣର ଶିକାର ହୋଇଛି ଗଂଜାମ ଜିଲ୍ଲା । ଜୁଲାଇ ମାସ ଆରମ୍ଭରୁ ଆକାଶଛୁଆଁ ସଂକ୍ରମିତଙ୍କ ସଂଖ୍ୟା ସ୍ଥାନୀୟ ଜନସାଧାରଣରେ ଆତଙ୍କ ସୃଷ୍ଟି କରିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଅବସ୍ଥା ଦେଖି ବ୍ୟବସ୍ଥା ଗ୍ରହଣ କରାଯାଇଛି । ଘର ଘର ବୁଲି ସ୍ୱାସ୍ଥ୍ୟକର୍ମୀମାନେ ସ୍ୱାସ୍ଥ୍ୟ ଯାଂଚରେ ଲାଗି ପଡ଼ିଛନ୍ତି ।

ଭୁବନେଶ୍ୱର : ପୁଣି ଥରେ 'କାଳିଆ' ଯୋଜନାର ଲାଭ ପାଇବେ ଚାଷୀ । ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ 'କାଳିଆ' ଯୋଜନା ସଂପର୍କରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଅର୍ଥ ବିଭାଗ ଚାଷୀଙ୍କୁ 'କାଳିଆ' ଯୋଜନାର ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ହେଉଛି ।

ଧର୍ମଗଡ଼ : ମହାମାରୀ କରୋନାର ଭୟାବହତାରେ ରାଜ୍ୟର ସଂକଟମୟ ଆର୍ଥିକ ଅବସ୍ଥା ଦୃଷ୍ଟିରୁ ରାଜ୍ୟ ସରକାର ଆଗାମୀ ଦୁଇ ବର୍ଷ ପାଇଁ ସରକାରୀ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ ରଖିଥିବା ବେଳେ ଏହାକୁ କଂଗ୍ରେସ ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଛି । ଏହି କ୍ରମରେ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଗୋଲାମୁଣ୍ଡାରେ ମଧ୍ୟ ପ୍ରତିବାଦ କରାଯାଇଥିଲା ।

ଭବାନୀପାଟଣା : ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲାସ୍ତରୀୟ ମାଇକ୍ରୋ ଅଦାଲତ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଦାଲତରେ ୧୧ଟି ମୋଟର ଯାନ ଦୁର୍ଘଟଣାଜନିତ ମାମଲାର ଶୁଣାଣି କରାଯାଇଥିଲା ।

ଟିଟିଲାଗଡ଼ : ଟିଟିଲାଗଡ଼ ମଣ୍ଡଳର ନୂତନ କର୍ମକର୍ତ୍ତା ଘୋଷଣା ହୋଇଥିବା ବିଜେପି ଦଳର ଜିଲ୍ଲା ସାଧାରଣ ସଂପାଦକ ମୁକେଶ ଜୈନ କହିଛନ୍ତି । ପ୍ରଶାନ୍ତ ଷଡ଼ଙ୍ଗୀ ମଣ୍ଡଳ ସଭାପତି ଭାବେ, ଉପସଭାପତି ଭାବରେ ରାଜେଶ ଅଗ୍ରୱାଲ, ପି. ରାଜୁ ରାଓ, ସଂଜୀବ ବେହେରା, ସୁନୀଲ ଆଚାର୍ଯ୍ୟ, ଲିଙ୍ଗରାଜ ନାଏକ, ମୀତା ବେହେରା, ସାଧାରଣ ସଂପାଦକ ଭାବେ କୁନା ଭାଟି, ପ୍ରଶାନ୍ତ ମହାନ୍ତି, ସଂପାଦକ ଭାବେ ପ୍ରିୟଙ୍କା ବିଶି, ସୋନାଲି ସାହୁ, ରୀନା ମାଝୀ, ସରୋଜିନୀ ନାଗ, ଦିଲୀପ ପାଣ୍ଡେ, ବିଶ୍ୱରଂଜନ ସ୍ୱାଇଁ, ଦିନେଶ ଶର୍ମା ମନୋନୀତ ହୋଇଥିବା କୁହାଯାଇଛି ।

ସଇଁତଲା : କୁଇକେଡ଼ା ପଂଚାୟତର ରେଂଗାଲି ହାଇସ୍କୁଲରେ ବନମହୋତ୍ସବ ପାଳିତ ହୋଇ ଯାଇଥିବା ବେଳେ ପରିବେଶପ୍ରେମୀ ତଥା ପ୍ରଧାନଶିକ୍ଷକ କୁଳମଣ ଯୋଶୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଇକେଡ଼ାର ପୂର୍ବତନ ସମିତି ସଭ୍ୟ ବାରୁ ମହାନନ୍ଦ ଓ ପରିଚାଳନା କମିଟି ସଭାପତି ଲଳିତ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ ।

# ମିଳିତ ସାମ୍ବାଦିକ ସଂଘ ମହାମଂଚ ଗଠିତ

## ସାମ୍ବାଦିକଙ୍କ ବୃତ୍ତିଗତ ସମସ୍ୟା ସମାଧାନ ଦିଗରେ ମିଳିତ ପ୍ରୟାସ କରାଯିବ




ଭୁବନେଶ୍ୱର, (ସ୍ୱପ୍ର) : ରାଜ୍ୟରେ ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବୃତ୍ତିଗତ ସମସ୍ୟାର ସମାଧାନ ଓ ଦାବୀ ପୂରଣ ଦିଗରେ ମିଳିତ ପ୍ରୟାସ କରିବା ନେଇ ରାଜ୍ୟର ବିଭିନ୍ନ ସାମ୍ବାଦିକ ସଂଗଠନକୁ ନେଇ ଗଠିତ ହୋଇଛି ଓଡ଼ିଶା ମିଳିତ ସାମ୍ବାଦିକ ସଂଘ ମହାମଂଚ । ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ମହାମଂଚର ପ୍ରଥମ ବୈଠକରେ ରାଜ୍ୟର ୧୦ଟି ପ୍ରମୁଖ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ସାମ୍ବାଦିକଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ, ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ, ଅଧିସ୍ୱୀକୃତି ସମୟ ସୀମାକୁ ଅନ୍ୟୁନ ୩ ବର୍ଷକୁ ବୃଦ୍ଧି, ସୁଲଭ ମୂଲ୍ୟରେ ବାସପୋଯୋଗୀ ଜମି ଓ ଗୃହ ଯୋଗାଣ ଏବଂ ସରକାରଙ୍କ ଦ୍ୱାରା ସାମ୍ବାଦିକଙ୍କ କଲ୍ୟାଣ ପାଇଁ ଘୋଷିତ ଋଣ ସହାୟତା ଓ ଅନୁକଂପା ରାଶି ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ବୈଠକରେ ଦାବୀ ଉପସ୍ଥାପନ କରାଯାଇଥିଲା । ଏ ସଂକ୍ରାନ୍ତୀୟ ଦାବୀପତ୍ର ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ମିଳିତ ଭାବେ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହା ସହିତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସାମ୍ବାଦିକମାନଙ୍କ ପ୍ରବେଶ କଟକଣା ପ୍ରତ୍ୟାହାର କରିବା ପାଇଁ ଦାବୀ କରାଗଲା । ନିୟମିତ ବ୍ୟବଧାନରେ ମହାମଂଚ ପକ୍ଷରୁ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବାକୁ ମଧ୍ୟ ସମ୍ମିଳିତ ସ୍ୱରରେ ନିଷ୍ପତ୍ତି ଗ୍ରହଣ କରାଗଲା । ପରବର୍ତ୍ତୀ ସମୟରେ ମହାମଂଚକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ରାଜ୍ୟର ଅନ୍ୟ ସାମ୍ବାଦିକ ସଂଗଠନଗୁଡ଼ିକୁ ସାମିଲ କରାଯିବାକୁ ପ୍ରସ୍ତାବ ପାରିତ ହେଲା ।

ବରିଷ୍ଠ ସାମ୍ବାଦିକ ପ୍ରଦେଶ ପଟ୍ଟନାୟକ, ଦିଲ୍ଲୀପ ବିଶୋୟୀଙ୍କ ମାର୍ଗଦର୍ଶନରେ ବୈଠକ ପୂର୍ଣ୍ଣମାତ୍ରାରେ ସମର୍ଥନ ପାଇଲା । ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସଂପାଦକ ସନତ ମିଶ୍ର, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ସାଧାରଣ ସଂପାଦକ ରଜନୀକାନ୍ତ ସାମନ୍ତରାୟ, ଅର୍ଗାନାଇଜେସନ ଅଫ୍ ୟୁନାଇଟେଡ୍ ୱାର୍କିଂ ଜର୍ଣ୍ଣାଲିଷ୍ଟର ସଭାପତି ଭଗବାନ ତ୍ରିପାଠୀ, ସଂଜୟ କୁମାର ଦାସ, ଷ୍ଟେଟ୍ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ୍ ଅଧ୍ୟକ୍ଷ ଗଗନବିହାରୀ ସାହୁ ଓ ସାଧାରଣ ସଂପାଦକ କୈଳାସ ଚନ୍ଦ୍ର ନାୟକ, ଓଡ଼ିଶା ପତ୍ରକାର ସଂଘର ସଭାପତି ଅବିନାଶ ମିଶ୍ର, କଳିଙ୍ଗ ସାମ୍ବାଦିକ ସଂଘର ଡି. ନିରଂଜନ ରେଡ୍ଡି, ଓଡ଼ିଶା ସାମ୍ବାଦିକ ସଂଘର ସଭାପତି ସୁଧାଂଶୁ ଶେଖର ବଡ଼ଜେନା, ସଂପାଦକ ନିରଂଜନ ବିଶ୍ୱାଳ, ଭୁବନେଶ୍ୱର ମିଡ଼ିଆ ଫୋରମ୍ ସଭାପତି ପପୁ ମହାନ୍ତି, ବରିଷ୍ଠ ସାମ୍ବାଦିକ ବୈଷ୍ଣବ ଚରଣ ଜେନା, ରମେଶ ଚନ୍ଦ୍ର ମହାନ୍ତି, ସତ୍ୟନାରାୟଣ ନାୟକ, ନୃସିଂହ ନାରାୟଣ ଦାସ, ସୁଧୀର ଧଳ, ଓଡ଼ିଶା ଜର୍ଣ୍ଣାଲିଷ୍ଟ ୟୁନିୟନ ସାଂଗଠନିକ ସଂପାଦକ ସଂଜୀବ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଭୁବନେଶ୍ୱର ସାମ୍ବାଦିକ ସଂଘର ପ୍ରତାପ ପ୍ରଧାନ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସଂପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ତୁରେକେଲା ବ୍ଲକ୍ ଅଂଚଳରେ ମାସ୍କ ଓ ସାବୁନ ବଂଟନ





କଂଟାବାଂଜି, (ସ୍ୱପ୍ର) : ତୁରେକେଲା ବ୍ଲକ୍ ଅଂଚଳରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ପ୍ରତ୍ୟେକ ପରିବାରକୁ ପ୍ରତ୍ୟହ ଦୁଇଟି ମାସ୍କ ଏବଂ ଗୋଟିଏ ଲାଇଫ୍‌ବଏ ସାବୁନ୍ ବଂଟନ କରାଯାଇଛି । ସଂପୃକ୍ତ ଅଂଚଳରେ ଜନସାଧାରଣ କରୋନା ମହାମାରୀରୁ ରକ୍ଷା ପାଇବେ ସେ ସଂକ୍ରାନ୍ତରେ ବିଧାୟକ ଶ୍ରୀ ସାଲୁଜାଙ୍କ ପକ୍ଷରୁ ଏକ ଲିଫ୍‌ଲେଟ୍ ବଂଟନ ମଧ୍ୟ ହୋଇଛି, ଯେଉଁଥିଲେ ଉଲ୍ଲେଖ ରହିଛି – ମୋର କଂଟାବାଂଜି ନିର୍ବାଚନ ମଣ୍ଡଳିର ଜନସାଧାରଣଙ୍କୁ ଅନୁରୋଧ କରୋନା ସଂକ୍ରମଣରୁ ବଂଚିବା ପାଇଁ ଘରେ ରହନ୍ତୁ, ସୁରକ୍ଷିତ ରହନ୍ତୁ । ସାମାଜିକ ଦୂରତା ବଜାୟ ରଖନ୍ତୁ । ମାସ୍କ ବ୍ୟବହାର କରନ୍ତୁ । ସବୁବେଳେ ସାବୁନରେ ହାତ ଧୁଅନ୍ତୁ । ବିଧାୟକଙ୍କ ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି । ବିଧାୟକ ଶ୍ରୀ ସାଲୁଜା ନିଜ ନିର୍ବାଚନ ମଣ୍ଡଳିରେ ସଂପୃକ୍ତ ସମସ୍ତ ଅଂଚଳଗୁଡ଼ିକ ଉପରେ କରୋନା ସଂକ୍ରମଣ କାଳରେ ବିଶେଷ ନଜର ରଖିଥିବା ବେଳେ ସବୁବେଳେ ସାରା ଅଂଚଳର ଜନସାଧାରଣଙ୍କ ଦୁଃଖସୁଖରେ ସାମିଲ୍ ହେବାକୁ ଚେଷ୍ଟା ଚଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ଲରମ୍ବା କଲେଜରେ ବନମହୋତ୍ସବ ପାଳିତ

ଅତାବିରା, (ସ୍ୱପ୍ର) : ସଂପୃକ୍ତ ବ୍ଲକ୍ ଅଧୀନସ୍ଥ ଲରମ୍ବା ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇ ଯାଇଥିବା ବେଳେ ଏହି ଅବସରରେ କଲେଜ ପରିସରରେ ବୃକ୍ଷରୋପଣ କରାଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବରଗଡ଼ ବନାଂଚଳ ଅଧିକାରୀ ମହେନ୍ଦ୍ର କୁମାର ପାତ୍ର ଚାରା ଯୋଗାଇ ଦେଇଥିବା ବେଳେ ଲରମ୍ବା ଛକଠାରୁ ବ୍ରଜମୋହନ ଖେଳ ପଡ଼ିଆ ପର୍ଯ୍ୟନ୍ତ ଜାମୁ, ନିମ୍ବ, ପଣସ, ଅଁଳା ପ୍ରଭୃତି ଚାରା ରୋପଣ କରାଯାଇଥିଲା । ଏହି ବନମହୋତ୍ସବ କାର୍ଯ୍ୟକ୍ରମରେ ଜାତୀୟ ସେବାସଂସ୍ଥା ଅଧିକାରୀ ଡ. ଅଜିତ୍ କୁମାର ନାଥ, ଗଣେଶ ସିଂ, ସୁନୀଲ କୁମାର ପ୍ରଧାନ ଆଦି ଯୋଗଦାନ କରିଥିଲେ । ସରୋଜ ନାଏକ, ପବିତ୍ର ମହାଣା, ଶିବା ତ୍ରିବେଦୀ, ସତ୍ୟବ୍ରତ କର୍ଣ୍ଣ, ପ୍ରମୋଦ ସେଠୀ, ରୋଜି କର୍ମୀ ଆଦି ବିଶେଷ ସହଯୋଗ କରିଥିଲେ ।

## କରୋନା ସଚେତନତାରେ ଯୋଗ

କୋମନା, (ସ୍ୱପ୍ର) : ସାରା ବିଶ୍ୱରେ କରୋନା ରଚୁଛି ତାଣ୍ଡବ ଲୀଳା । ଏହି କ୍ରମରେ କରୋନାର ଭୟାବହତା ସାରା ଭାରତରେ କାୟାବସ୍ତାର କରିଥିବା ବେଳେ କରୋନା କବଳରୁ ରକ୍ଷା ପାଇବା ପାଇଁ ମଣିଷ ସମାଜ ଏବେ ଘନଘୋର୍ ଲଢ଼େଇର ସାମ୍ନା କରୁଛି । କରୋନାଠାରୁ ରକ୍ଷା ପାଇବାକୁ ହେଲେ ଶାରୀରିକ ସୁସ୍ଥତା ମଣିଷ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ । ଏଣୁ ସଂପୃକ୍ତ ବ୍ଲକ୍ ପଣ୍ଡରାପଥର ଗାଁରେ ରହିଥିବା ମଦର ଟେରେସା ସର୍ଭିସ୍ ସେଂଟର୍ କୋମନା ବ୍ଲକ୍ ଅଂଚଳରେ ଯୋଗର ପ୍ରଚାର ପ୍ରସାରକୁ ଅଗ୍ରାଧିକାର ଦେଇଛି । ଯୋଗ ଦ୍ୱାରା ମଣିଷକୁ ଶାରୀରିକ ତଥା ମାନସିକ ଦିଗରେ ସୁସ୍ଥ ରଖା ଯାଇପାରିବ । ଏହି ବାର୍ତ୍ତାକୁ ନେଇ ସଂପୃକ୍ତ ଅଂଚଳର ଗାଁ ଗାଁରେ ଅଂଚଳବାସୀଙ୍କ ମଧ୍ୟରେ ଯୋଗ ପ୍ରତି ଆଗ୍ରହ ସୃଷ୍ଟି କରୁଛନ୍ତି ସର୍ଭିସ୍ ସେଂଟରର କର୍ମୀବୃନ୍ଦ ।

ଯୋଗର ବହୁଳ ପ୍ରଚାର ପ୍ରସାର ମାନବ ସମାଜରେ ସୁସ୍ଥତା ଆଣିଦେବ ବୋଲି ସଂସ୍ଥାର ସଂପାଦକ ଶେଷଦେବ ପ୍ରଧାନୀ ପ୍ରକାଶ କରନ୍ତି ।

## ଗ୍ରାମାଂଚଳରେ କରୋନା ସଚେତନତା ପାଇଁ ପଦକ୍ଷେପ

ଟିଟିଲାଗଡ଼, (ସ୍ୱପ୍ର) : ସଚେତନତା ଓ ସଂଯମତା ହିଁ କରୋନାର ଏକମାତ୍ର ପ୍ରତିକାର ହୋଇଥିବା ବେଳେ ଟିଟିଲାଗଡ଼ର ସ୍ୱେଚ୍ଛାସେବୀ ସଂଗଠନ ରାଏମନ ଫାଉଣ୍ଡେସନ୍‌ର କର୍ମକର୍ତ୍ତାମାନେ ଲୋକଙ୍କୁ ସଚେତନ କରାଇବା କାମରେ ପ୍ରାଣପଣେ ଲାଗି ପଡ଼ିଛନ୍ତି । ଫାଉଣ୍ଡେସନର ଅଧ୍ୟକ୍ଷା ରଂଜୁ ରାଏମନ ଏବଂ ତାଙ୍କ କର୍ମୀମାନେ ଗାଁ ଗାଁ ବୁଲି ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପରିଧାନ କରିବା ତଥା ବାରମ୍ବାର ହାତ ଧୋଇବା ସଂପର୍କରେ ବୁଝାଉଥିବା ଦେଖାଯାଇଛି ।



# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ନରସିଂହଙ୍କ ଆଲୋଚନା



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ପୂର୍ତ୍ତ ବିଭାଗର ଡାକ ବଙ୍ଗଳାଠାରେ ବଲାଙ୍ଗିରର ବିଧାୟକ ନରସିଂହ ମିଶ୍ର ଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ନୂତନ କୁଳପତି ଭାବେ ଦାୟିତ୍ୱ ନେଇଥିବା ପ୍ରଫେସର ଦୀପକ କୁମାର ବେହେରାଙ୍କ ମଧ୍ୟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଷୟ ଉପରେ ବିଷଦ୍ ଆଲୋଚନା ହୋଇଯାଇଛି । ଏହି ଆଲୋଚନା ବିଶେଷ କରି ଅଧ୍ୟାପନା ପାଇଁ ଦରକାର ହେଉଥିବା ସମସ୍ତ ପ୍ରଫେସର ପଦବୀ ପୁରଣ, ଏକାଡେମିକ୍ କାଉନସିଲର ନିର୍ମାଣ, ବିଶ୍ୱବିଦ୍ୟାଳୟ ପାଇଁ ଦରକାର ହେଉଥିବା ଜମି ଉପରେ ସବିଶେଷ ଆଲୋଚନା ହୋଇଥିଲା । ଆହୁରି ମଧ୍ୟ ବର୍ତ୍ତମାନ ଚାଲିଥିବା ୧୩ଟି ପୋଷ୍ଟ ଗ୍ରାଜୁଏଟ୍ ବିଷୟବସ୍ତୁ ବାହାରେ ଆଉ ପାଞ୍ଚ ଛଅଟି ବିଷୟକୁ ନେଇ ପୋଷ୍ଟ ଗ୍ରାଜୁଏଟ୍ ବିଭାଗ କେମିତି ଖୋଲି ପାରିବ ସେ ଉପରେ ଉଭୟ ବିଧାୟକ ଶ୍ରୀ ମିଶ୍ର ଏବଂ କୁଳପତି ଶ୍ରୀ ବେହେରା ଗୁରୁତ୍ୱ ଦେଇଥିଲେ । ବର୍ତ୍ତମାନ ଥିବା ୧୩ଟି ପୋଷ୍ଟ ଗ୍ରାଜୁଏଟ୍ ବିଭାଗ ପାଇଁ ୧୦ଜଣ ପ୍ରଫେସର, ୨୨ଜଣ ଏସୋସିଏଟ୍ ପ୍ରଫେସର ଓ ବାକି ୪୩ ଜଣ ରିଡର ନିହାତି ଆବଶ୍ୟକ ବୋଲି ପ୍ରଫେସର ବେହେରା ଶ୍ରୀ ମିଶ୍ରଙ୍କୁ କହିଥିଲେ । ସେହିପରି ଏମ୍‌ଫିଲ୍ ପାଠ୍ୟକ୍ରମ ରେ ଛାତ୍ରମାନଙ୍କୁ ଗାଇଡ୍ କରିବା ପାଇଁ ଏଲ୍‌ଫିଲ୍ କିମ୍ବା ପିଏଚ୍‌ଡି କରିନଥିବା ଅଧ୍ୟାପକ ରହୁଥିବା ବେଳେ ଏଥିରେ ପରିବର୍ତ୍ତନ ନିହାତି ଜରୁରି ଏବଂ କେବଳ ଏମ୍‌ଫିଲ୍ କିମ୍ବା ପିଏଚ୍‌ଡି କରିଥିବା ପ୍ରଫେସର ହିଁ ଏମ୍‌ଫିଲ୍ ଛାତ୍ରଙ୍କୁ ଗାଇଡ କରିବା କଥା ବୋଲି ମତପ୍ରକାଶ ପାଇଥିଲେ । ଆଲୋଚନା ବେଳେ ବିଶ୍ୱ ବିଦ୍ୟାଳୟ ସମସ୍ୟାକୁ ନେଇ ବିଧାୟକ ଶ୍ରୀ ମିଶ୍ର ରାଜ୍ୟର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ସହ ମଧ୍ୟ ଫୋନ ଯୋଗେ ଆଲୋଚନା କରିଥିଲେ । ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଯେମିତି ଅଧ୍ୟାପନା ପାଇଁ ପ୍ରଫେସର ପଦବୀ ସମ୍ପୁର୍ଣ୍ଣ ପୁରଣ ହେବ, ଦରକାର ହେଉଥିବା ଜମି ତଥା ବର୍ତ୍ତମାନ ଚାଲିଥିବା ୧୩ ଗୋଟି ବିଭାଗ ବାହାରେ ମଧ୍ୟ ଯେମିତି ଆଉ ୪/୫ଟି ପୋଷ୍ଟ ଗ୍ରାଜୁଏଟ୍ ବିଭାଗ ଖୋଲି ପାରିବ ସେ ଉପରେ ଗୁରୁତର ସହ ଧ୍ୟାନ ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ବିଧାୟକ ଶ୍ରୀ ମିଶ୍ର କହିଥିଲେ । ଆହୁରି ମଧ୍ୟ ଏକାଡେମିକ କାଉନସିଲ ଯେତେ ଶିଘ୍ର ଗଠନ ହେବ ତାହା ଆଗାମୀ ଶିକ୍ଷାବର୍ଷ ପାଇଁ ସିଲାବସ ପ୍ରସ୍ତୁତି, ଶିକ୍ଷା କ୍ୟାଲେଣ୍ଡର ନିର୍ମାଣରେ ସେତେ ସହାୟକ ହେବ ବୋଲି ଆଲୋଚନା ହୋଇଥିଲା । ବର୍ତ୍ତମାନ ବିଶ୍ୱ ବିଦ୍ୟାଳୟ ପରିଚାଳନା ପାଇଁ ନିଯୁକ୍ତି ଦିଆଯାଇଥିବା ବିଭିନ୍ନ ଅସ୍ଥାୟୀ ପଦବୀ ଗୁଡିକ ଯେତେ ଶିଘ୍ର ସ୍ଥାୟୀ କରାହେବ ଶିକ୍ଷାଦାନ ତଥା ବିଶ୍ୱ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ସେତେ ସୁବିଧା ହେବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ । ଆଲୋଚନା ବେଳେ ଶ୍ରୀ ମିଶ୍ର ବିଶ୍ୱ ବିଦ୍ୟାଳୟର ଶିକ୍ଷାଦାନ, ଭିତ୍ତିଭୂମି ଓ ପରିଚାଳନା ପାଇଁ ଯାହା ଅଭାବ ଅଛି ତାର ଏକ ସବିଶେଷ ବିବରଣି ଦୁଇ ଦିନ ଭିତରେ ଦେବାକୁ କୁଳପତି ଶ୍ରୀ ବେହେରାଙ୍କୁ କହିଥିଲେ । ଯାହାକି ବିଧାୟକ ଶ୍ରୀ ମିଶ୍ର ତୁରନ୍ତ ସେ ସବୁର ଏକ ଚିଠା ସରକାରଙ୍କ ଠାରେ ପ୍ରଦାନ କରି ସେପ୍ଟେମ୍ବର ମାସ ପହିଲା ପୂର୍ବରୁ ବିଶ୍ୱ ବିଦ୍ୟାଳୟର ଅଧ୍ୟାପନା ପାଇଁ ଦରକାର ହେଉଥିବା କୌଣସି ବି ଜିନିଷ ଯେମିତି ଅଭାବ ନ ଥିବ ସେ ଦିଗରେ ତତ୍ପରତା ସହ କାମ କରିବେ ବୋଲି କହିଥିଲେ ।


ମାସ୍କ ପିନ୍ଧନ୍ତୁ, ବାରମ୍ବାର ସାବୁନରେ ହାତ ଧୁଅନ୍ତୁ,

ସାମାଜିକ ଦୂରତା ରକ୍ଷା କରନ୍ତୁ...

କରୋନା ସଂକ୍ରମଣରୁ ରକ୍ଷା ପାଆନ୍ତୁ ।



ଆମ ରାଜ୍ୟର କେତେକ ଜିଲ୍ଲାରେ ଏବେ

ଅସମ୍ଭାଳ ସ୍ଥିତି କରୋନା ସଂକ୍ରମଣରେ...

ଏମିତି ସମୟରେ ନିଜକୁ ସମ୍ଭାଳି କରୋନାରୁ

ରକ୍ଷା ପାଇବା ଏକାନ୍ତ ଆବଶ୍ୟକ ।


# କୋଭିଡ୍ ଆଇନ ଭଙ୍ଗ କରିଛି ଖୋଦ୍ ବିଜୁ ଜନତା ଦଳ

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲା ବଲାଙ୍ଗିର କଂଗ୍ରେସ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ତଥା ସହର କରୋନା ଭୂତାଣୁ ଗୋଷ୍ଠୀ ସଂକ୍ରମଣ ଦ୍ୱାରଦେଶରେ । ସ୍ଥାନୀୟ ବିଜୁ ଜନତା ଦଳର କାର୍ଯ୍ୟକଳାପ ଏହି ଗୋଷ୍ଠୀ ସଂକ୍ରମଣକୁ ଆହୁରି ପ୍ରଖର କରିବା ଆଶଙ୍କା ଦେଖାଦେଇଛି । ବଲାଙ୍ଗିର ହାତୀଶାଳପଡା ଯାହାକି ବର୍ତ୍ତମାନ କରୋନା ଭୂତାଣୁ ସଂକ୍ରମଣର ଗଡ ସାଜିଛି ତାହାକୁ ସମ୍ପୁର୍ଣ୍ଣ କନ୍‌ଟେନ୍‌ମେଂଟ୍ ଜୋନ ହିସାବରେ ଜିଲ୍ଲା ପ୍ରଶାସନ ଘେରି ରଖିଛି କିନ୍ତୁ ତାର ଏକ ବ୍ୟତିକ୍ରମ ଦେଖାଦେଇଛି । ସ୍ଥାନୀୟ ବିଜୁ ଜନତାଦଳର କର୍ମକର୍ତ୍ତା ଖୋଦ୍ ମୁଖ୍ୟମନ୍ତ୍ରୀ, ପୂର୍ବତନ ରାଜ୍ୟସଭା ସାଂସଦ, ପୂର୍ବତନ ଲୋକସଭା ସାଂସଦଙ୍କ ଫଟୋ ଲଗାଇ ଏକ ଚାରିଚକିଆ ଗାଡିକୁ କନ୍‌ଟେନ୍‌ମେଂଟ୍ ଜୋନର ବାଡ ଭାଙ୍ଗି ଭିତରକୁ ନେଇକନ୍‌ଟେନ୍‌ମେଂଟ୍ ଜୋନ ଭିତରେ ଆବଦ୍ଧ ଥିବା ଲୋକଙ୍କୁ ରାସନ ବଂଟନ କରିଥିବା ଅଭିଯୋଗ ନେଇ ବଲାଙ୍ଗିର ନଗର କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦାଖଲ କରାଯାଇଛି । ଏଥିରେ ଲେଖାଯାଇଛି ଯେ, ସ୍ଥାନୀୟ ଶାସକ ଦଳ କାହା ଅନୁମତିରେ କନ୍‌ଟେନ୍‌ମେଂଟ୍ ଜୋନ୍‌କୁ ଯାଇ ସାମଗ୍ରୀ ବଂଟନ କଲେ ଏବଂ ଯେଉଁମାନେ ବଂଟନ କଲେ ସେମାନେ କାହାର ଅନୁମତିରେ ଏହା ବଂଟନ କଲେ ? ଏହା କୋଭିଡ୍ ଆଇନର ଉଲ୍ଲଙ୍ଘନ ନୁହେଁ କି ? ଯଦି ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ କୋଭିଡ୍ ଆଇନ ଉଲଙ୍ଘନ ଯୋଗୁଁ ସରକାର ତାଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କଲେ ତେବେ ବଲାଙ୍ଗିର ବିଜୁ ଜନତାଦଳ ବିରୁଦ୍ଧରେ ଏ ପର୍ଯ୍ୟନ୍ତ ପୋଲିସ ଓ ଜିଲ୍ଲା ପ୍ରଶାନ ନୀରବ କାହିଁକି ? ତେଣୁ ଜିଲ୍ଲାପାଳଙ୍କୁ ଭେଟିଥିବା ପ୍ରତିନିଧି ଦଳ ଦାବୀ କରିଛନ୍ତି ଯେଉଁମାନେ କନ୍‌ଟେନ୍‌ମେଂଟ୍ ଜୋନ୍‌ରେ ପଶି କୋଭିଡ୍ ଆଇନ ଉଲ୍ଲଙ୍ଘନ କରିଛନ୍ତି ସେମାନଙ୍କର ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଏବଂ ପ୍ରତ୍ୟେକଙ୍କୁ ୧୪ ଦିନ କ୍ୟାରେନଟାଇନ ଗୃହରେ ରଖି ବଲାଙ୍ଗିରବାସୀଙ୍କୁ କରୋନା ଗୋଷ୍ଠୀ ସଂକ୍ରମଣରୁ ରକ୍ଷା କରନ୍ତୁ ।

ନଗର ସଭାପତି ବୁଲୁ ଦାନିଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ରାଜ୍ୟ କଂଗ୍ରେସ ସଂପାଦକ ଅଜୟ ବାଲି, କଂଗ୍ରେସ କୋଭିଡ୍ ପରିଚାଳନା ଜିଲ୍ଲା ସଂଯୋଜକ ଅସୀମ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମିଳନୀ ସାହୁ, ଜିଲ୍ଲା କଂଗ୍ରେସ ଉପ-ସଭାପତି ମନୀଷ ମିଶ୍ର, ନଗର ସଂଯୋଜକ ଜୁଲୁ ପଟ୍ଟନାୟକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ର, ସଂଗଠନ ସଂପାଦକ ସଂଜୟ ମିଶ୍ର, କୈଳାସ ମିଶ୍ର ଓ କୁଳମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗ ଭିତ୍ତିହୀନ : ଶସ୍ତା ରାଜନିତୀ କରୁଛନ୍ତି ବିରୋଧୀ : ବିଜେଡି



ବଲାଙ୍ଗିର, (ନିପ୍ର) : ଗତ ମଙ୍ଗଳବାର ଦିନ ସ୍ଥାନୀୟ ହାତୀଶାଳପଡା କନ୍‌ଟେନ୍‌ମେଂଟ୍ ଜୋନ୍‌ରେ ବିଜୁ ଜନତା ଦଳ ପକ୍ଷରୁ ଅସହାୟ କନ୍‌ଟେନ୍‌ମେଂଟ୍ ଜୋନ୍ ବାସିନ୍ଦାଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା । ଏହି ଘଟଣାରେ ବିଜେଡ କର୍ମୀମାନେ କୋଭିଡ-୧୯ ନିୟମର ଉଲ୍ଲଂଘନ କରିଥିବା ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ ଅଭିଯୋଗ କରିବା ସହ ସଂମ୍ପୃକ୍ତ ବିଜେଡି କର୍ମୀଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଦାବୀ କରିଥିଲେ । ଏହି ଘଟଣା ସଂପର୍କରେ ସ୍ଥାନୀୟ ଶୈଳଶ୍ରୀ ପେଲେସରେ ବଲାଙ୍ଗିର ବିଜୁ ଜନତା ଦଳ ଏକ ସାମ୍ବାଦିକ ସମ୍ମିଳନୀ କରି ନିଜର ପକ୍ଷ ରଖିବା ସହିତ ବିଜୁ ଜନତା ଦଳ କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗ ଭିତ୍ତିହୀନ ହୋଇଥିବା ବେଳେ ବିରୋଧୀମାନେ ଶସ୍ତା ରାଜନିତୀ କରୁଛନ୍ତି ବୋଲି ଦଳ ତରଫରୁ କୁହାଯାଇଛି ।

ସ୍ଥାନୀୟ ହାତୀଶାଳପଡାବାସୀ କନ୍‌ଟେନ୍‌ମେଂଟ୍ ଜୋନ୍‌ରେ ଫଶି ରହିଥିବା ବେଳେ ଦିନ ଦିନ ଧରି ଖାଇବାକୁ ପାଇ ନଥିଲେ । ଏଭଳି ସ୍ଥିତିରେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ଅନଙ୍ଗ ଉଦୟ ସିଂଦେଓ ଓ ପୁର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓଙ୍କ ଆହ୍ୱାନ କ୍ରମେ ଏହି ଅଂଚଳବାସୀଙ୍କୁ ଶୁଖିଲା ଖାଦ୍ୟ ପେକେଟ ବଂଟନ କରାଯାଇଥିବା ବେଳେ କୋଭିଡ-୧୯ର ସମସ୍ତ ନିୟମାବଳୀ ପାଳନ କରାଯାଇଥିଲା । ଆହୁରି ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ମାସ୍କ ପିନ୍ଧି ସାମାଜିକ ଦୂରତା ରକ୍ଷା କରିବା ସହ ବଫର ଜୋନ୍ ବେରିକେଡ୍ ବାହରୁ ପୋଲିସ କର୍ମୀଙ୍କ ଉପସ୍ଥିତିରେ ସ୍ୱେଚ୍ଛାସେବୀଙ୍କୁ ଖାଦ୍ୟ ପେକେଟ ଗୁଡିକ ଦିଆଯାଇଥିବା ଜିଲ୍ଲା ଉପସଭାପତି ପ୍ରଦ୍ୟୁତ ମିଶ୍ର କହିଥିଲେ ।


ବିଜୁ ଜନତା ଦଳର ସହାୟତା ପାଇ ଅଂଚଳବାସୀ ବେଶ୍ ଉପକୃତ ହେବା ସହ ଦଳର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ । ଏସବୁ ଦେଖି ବିଜେପି ଓ କଂଗ୍ରେସ ଦଳ ଅସୁଆ ମନୋଭାବ ରଖି, ଭିତ୍ତିହୀନ ଭାବେ ବିଜେଡି ଦଳ କୋଭିଡ ନିୟମ ଉଲ୍ଲଂଘନ କରିଛି ବୋଲି ଅଭିଯୋଗ କରିବା ସହ ବିରୋଧୀ ଶସ୍ତା ରାଜନୀତି କରୁଛନ୍ତି ବୋଲି ଜିଲ୍ଲା ଯୁବ ବିଜେଡି ସଭାପତି ଲୋଟସ ମିଶ୍ର ପ୍ରକାଶ କରିଛନ୍ତି ।

ଆହୁରି ଏଭଳି ସମୟରେ ଜନସାଧାରଣଙ୍କ ନିଜ ପଡାବାସୀଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ପରିବର୍ତ୍ତେ ସ୍ଥାନୀୟ ବିଜେପି ନେତା ଘୃଣ୍ୟ ରାଜନୀତି କରୁଛନ୍ତି । ସେହିପରି ମାନବତା ନଥାଇ ମାନବ ଅଧିକାରର କଥା କହିବା ଅର୍ଥହୀନ, ଏଭଳି ଶସ୍ତା ରାଜନୀତି କରିବା କଂଗ୍ରେସ ବିଧାୟକଙ୍କୁ ଶୋଭା ପାଏ ନାହିଁ ବୋଲି ବିଜେଡି ତରଫରୁ କୁହାଯାଇଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ଛାତ୍ର ବିଜେଡି ନେତା ରାଜେନ୍ଦ୍ର ପ୍ରସାଦ ହୋତା, ବରିଷ୍ଠ ସଭ୍ୟ ସଞ୍ଜିବ ମିଶ୍ର, ସଞ୍ଜିବ ନାଥ, ବୁଲୁ ବେହେରା ଓ ବିଭୁତି ଭୂଷଣ ମିଶ୍ର ଉପସ୍ଥିତ ଥିଲେ ।

# ‘ମାୟା ବଗିଚା’ର ସ୍ରଷ୍ଟା ମାୟା ସଂସାର ଛାଡ଼ିଲେ






‘ମାୟା ବଗିଚା’ର ଶ୍ରେଷ୍ଠ ମାଳି ମନୋଜ ପଣ୍ଡାଙ୍କ ଅବର୍ତ୍ତମାନରେ ପଲ୍ଲବିତ ହେବନି ବଗିଚା !

ଶବ୍ଦଶିଳ୍ପୀ ସମର୍ଥ କଥାକାର ଶାରଳା ପୁରସ୍କାରପ୍ରାପ୍ତ ମନୋଜ ପଣ୍ଡାଙ୍କ ଅବର୍ତ୍ତମାନରେ ସାହିତ୍ୟ ଫସଲର ‘ମାୟା ବଗିଚା’, ‘ହାଡ଼ ବଗିଚା’, ‘ବର୍ଣ୍ଣ ବଗିଚା’, ‘ଶବ୍ଦ ଶସ୍ୟ’ର ଅମଳ ଅସଂପୂର୍ଣ୍ଣ ରହିଯିବ ? ଠାଣିରେ ମଣିଷ, ଦିକ୍‌ଦାର୍, ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ସଦାସର୍ବଦା ବାହାରେ ଦେଖିଲା ବେଳେ ମୁଣ୍ଡରେ ଟୋପି ପରିହିତ ସମ୍ଭ୍ରାନ୍ତ ବେଶ ପୋଷାକ ଧାରି ଜଣେ ବଳିଷ୍ଠ, ବପୁବନ୍ଦ ବ୍ୟକ୍ତି ଯେ ହଠାତ୍ ଆମ ଗହଣରୁ ତାରକିତ ଆକାଶକୁ ସ୍ୱାଗତ କରି ଗତ ୯ ତାରିଖ ଶ୍ରାବଣ ଗୋଧୂଳି ଲଗ୍ନରେ ଆରପାରିକୁ ଚାଲିଯିବେ, ଏହା କ’ଣ ସମ୍ଭବ ? ଏ ଅବିଶ୍ୱାସ୍ୟ ସତ୍ୟକୁ କିନ୍ତୁ ସ୍ୱୀକାର କରିବାକୁ ପଡ଼ିଲା, ଯେତେବେଳେ କଥାକାର ମନୋଜ ପଣ୍ଡାଙ୍କୁ ତାଙ୍କ ବାସଭବନ ‘ଇଗ୍‌ଲୁ’ରେ ଚିରନିଦ୍ରାରେ ଶୋଇଥିବା ଦେଖିବାକୁ ମିଳିଥିଲା ।

ଯଦିଓ ତିରିଶ ବର୍ଷ ବୟସରେ ସେ ତାଙ୍କ ଗଳ୍ପ ଲେଖା ଆରମ୍ଭ କରିଥିଲେ, ସମ୍ମାନ ଓ ସ୍ପର୍ଦ୍ଧାକୁ ଛୁଇଁଥିଲେ ଭାବ, ଶୈଳୀ, ଶବ୍ଦ ପ୍ରୟୋଗ, କଥାବସ୍ତୁ ଓ ଚରିତ୍ର ଚୟନରେ ସ୍ୱତନ୍ତ୍ରତା ପାଇଁ । ‘ମାୟା ବଗିଚା’ ନାମକ ଗଳ୍ପ ସଂକଳନ ସକାଶେ ତାଙ୍କୁ ୨୦୧୫ରେ ଇମ୍ପା ଗ୍ରୁପ୍ ତରଫରୁ ଶାରଳା ପୁରସ୍କାର ଦ୍ୱାରା ପୁରସ୍କୃତ କରାଯାଇଥିଲା । ଦୈନନ୍ଦିନ ଜୀବନରେ ଘଟି ଯାଉଥିବା ପ୍ରତ୍ୟକ୍ଷାନୁଭୂତିକୁ ଚମତ୍କାର ଢଙ୍ଗରେ ସେ ଆଙ୍କୁଥିଲେ ଶବ୍ଦର ଚିତ୍ର । ଭକ୍ତ, ଭଗବାନ, ଦକ୍ଷିଣ ପନ୍ଥୀ ଚେତନାକୁ ଅସ୍ୱୀକାର କରୁଥିବା ତାଙ୍କ ସ୍ରଷ୍ଟା ଚେତନା ଥିଲା ଭୌଗୋଳିକ ପରିମଣ୍ଡଳର ଢେର ଊର୍ଦ୍ଧ୍ୱରେ । ସେଥିପାଇଁ ସେ ସାଲଭାରଡଲ୍ ଡାଲି, ଫ୍ରୟେଡ଼, କାଫ୍‌କାଙ୍କ ପରି ବିଶ୍ୱ ବିସ୍ତୃତ ଲେଖକଙ୍କୁ ପଢ଼ି ସନ୍ତୁଷ୍ଟ ଓ କୃତଜ୍ଞ ବି ହେଉଥିଲେ । ମଣିଷ ମନର ଅନ୍ତଃକରଣକୁ ବ୍ୟବଚ୍ଛେଦ କରି ଅତିବାସ୍ତବବାଦୀ ଦୃଷ୍ଟିଭଙ୍ଗୀରେ କାଗଜ ଉପରେ, ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ ସେ ଥିଲେ ସିଦ୍ଧହସ୍ତ । ସାଧାରଣ ପାଠକର ପଠନ ସ୍ପୃହାକୁ ନାକଚ୍ କରି ପାଠକ ମନରେ ଏକ ବୌଦ୍ଧିକ କସରତର ଅବସର ଦେଉଥିବା ମନୋଜୀୟ ପଣ ସତରେ ଓଡ଼ିଆ ସାହିତ୍ୟରେ ବିରଳ, ହାତଗଣତି । ନୂଆ ଶୈଳୀରେ କେବଳ ଗଳ୍ପ ଲେଖିଥିବା ଏ ଶବ୍ଦବିନ୍ଧାଣୀଙ୍କ କୃତି ପରିମାଣାତ୍ମକ ଭାବେ ସ୍ୱଳ୍ପ ହେଲେ ବି ଗୁଣାତ୍ମକ ଦୃଷ୍ଟିରୁ ତାଙ୍କ ଗଳ୍ପର ଉତ୍କର୍ଷତା ନିଶ୍ଚିତ ଭାବେ ଅନ୍ୟ ଲେଖକଙ୍କ ସୃଷ୍ଟି ଜଗତ ଭିତରେ ସ୍ୱତନ୍ତ୍ର ଆଲୋକିତ ମନେ ହେଉଥିଲା ।

ତାଙ୍କ ସୃଷ୍ଟି ସମ୍ଭାରରେ କେତେକ ସ୍ଥାନରେ କୋଶଲୀ ଶବ୍ଦର ପ୍ରୟୋଗ ସହ ପାଠକଙ୍କୁ ଏକ ଶାବ୍ଦିକ କୁହୁକତା କେବଳ ବୌଦ୍ଧିକ ଓ ଆବେଗିକ ପ୍ରଭାବ ପକାଏ ନାହିଁ, ନେଇଯାଏ କବିତା ଏବଂ ପ୍ରବନ୍ଧର ଏକ ଭ୍ରମାତୀତ ଇଲାକାକୁ । ଏକାନ୍ତ ନିଜସ୍ୱ ଭୋଗିଲା ପଣକୁ ‘ମୁଁ’ ଚରିତ୍ର ମାଧ୍ୟମରେ ସେ ସୃଜନ୍ତି ସୌନ୍ଦର୍ଯ୍ୟବୋଧର ଓ ସ୍ୱାଧୀନତାର କୁହୁକ ମାୟାଜାଲ । ଗପର ନିବାପଣକୁ ଆମେ ଭେଟୁ ମନୋଜୀୟ କଥା ଘରେ । ଓଜନଟିଏ ବୋହିବା ଯେମିତି ବାସ୍ତବିକ କଷ୍ଟକର କାର୍ଯ୍ୟ, ସେମିତି ମନୋଜୀୟ ସାହିତ୍ୟକୁ ହଜମ କରିବା ତତୋଧିକ ପ୍ରୟାସସାଧ୍ୟ ।

ହାଡ଼ ବଗିଚା, ବର୍ଣ୍ଣ ବଗିଚା, ମାୟା ବଗିଚା (ଗଳ୍ପ ସଂକଳନ), ଶବ୍ଦ ଶସ୍ୟ (ପ୍ରବନ୍ଧ) ବସୁଧୈବ କୁଟୁମ୍ବକମ୍ (ଆର୍‌ଥର ମିଲର୍‌ଙ୍କ ଅଲ୍ ମାଇଁ ସନ୍ସର ଅନୁବାଦ, ଲୁଚକାଳି ଖେଳ (କାମ୍ୟୁଙ୍କ ନାଟକ କ୍ରିସ୍ ପର୍‌ପଜ୍‌ର ଅନୁବାଦ) ଦ’ ବୋନ ଗାର୍ଡ଼େନ, ଓ୍ୱାନ୍ ଥାଉଜେଣ୍ଡ୍ ଡେଜଇନ୍ ରେଫିଜିରେଟର୍ ପ୍ରଭୃତି ପୁସ୍ତକର ରଚୟିତା ଭାବେ ତାଙ୍କର ସୁଖ୍ୟାତି ସବୁଦିନ ମନେ ରହିବ ।

ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମର୍ଯ୍ୟାଦାଜନକ ଶାରଳା ପୁରସ୍କାର ଲାଭ କରିବା ସହ ତେରଟି ନିର୍ବାଚିତ ଗଳ୍ପକୁ ନେଇ ‘ରୂପାନ୍ତର’ ପକ୍ଷରୁ ଇଂରାଜୀରେ ‘ଦି ବୋନ୍ ଗାର୍ଡ଼େନ୍ ଆଣ୍ଡ୍ ଅଦର୍ ଷ୍ଟୋରି’ ପ୍ରକାଶ ପାଇବା ପରେ ଏହା ଆୟରଲାଣ୍ଡରେ ଅବସ୍ଥିତ ଫ୍ରେଙ୍କ୍ଓ କର୍‌ନର୍ ଆନ୍ତର୍ଜାତୀୟ ଗଳ୍ପ ପୁରସ୍କାର-୨୦୨୦ ପାଇଁ ମନୋନୀତ ହୋଇଥିଲା । ପୃଥିବୀର ୫୪ ଜଣ ଏବଂ ଏସିଆ ମହାଦେଶରୁ ଛଅ ଜଣଙ୍କ ମଧ୍ୟରେ ସ୍ଥାନିତ ହେବା କମ୍ ଗୌରବର କଥା ନୁହେଁ ।

କଥାକାରଙ୍କ ସମଗ୍ର କୃତିକୁ ନେଇ ଓଡ଼ିଶାର ବିଖ୍ୟାତ ଲେଖକମାନେ ତାଙ୍କର ନିଜସ୍ୱ ମତାମତକୁ ଭିତ୍ତି କରି ପ୍ରକାଶ ପାଇଛି ‘ସେମାନେ ଯାହା କହନ୍ତି’ । ଏହା ସହ ଏଇ କିଛି ମାସ ପୂର୍ବରୁ ଅଠର ଶହ ଶତାବ୍ଦୀର ବଲାଙ୍ଗିରକୁ ନେଇ ଏକ ପ୍ରେମ ପ୍ରସଙ୍ଗ ଭିତ୍ତିରେ ଉପନ୍ୟାସର ଆରମ୍ଭକୁ ଶେଷାର୍ଦ୍ଧର ସ୍ପର୍ଶ ସମୟରେ ଚମତ୍କାର କଥାଶିଳ୍ପୀ ମନୋଜ ପଣ୍ଡା ଆମ ଗହଣରୁ ଚାଲିଯିବା ସତରେ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି ।

ତାଙ୍କୁ କୋଟି କୋଟି ପ୍ରଣାମ ।

**କୌତୁକ ପନ୍ଦର**
ଅଧ୍ୟାପକ
ସରକାରୀ ମହାବିଦ୍ୟାଳୟ, ବଲାଙ୍ଗିର



ଗାଳ୍ପିକ ମନୋଜ ପଣ୍ଡାଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । କଥନ ଓ କାହାଣୀ ଉଭୟରେ ନୂଆ ଚମକ ଆଣି ଯେମିତି ସେ ପାଠକମାନଙ୍କୁ ସ୍ତବ୍ଧ କରି ଦେଉଥିଲେ, ସେମିତି ସ୍ତବ୍ଧ କରି ହିଁ ସେ ଚାଲିଗଲେ ।

**ଡ.ସନ୍ତୋଷ କୁମାର ରଥ**
ପ୍ରଫେସର, ଭୀମ ଭୋଇ ଚେୟାର, ଜିଏମ୍. କଲେଜ, ସମ୍ବଲପୁର



ମନୋଜ ପଣ୍ଡାଙ୍କ ଗଳ୍ପ ରୀତି କାଳଜୟୀ ନିଶ୍ଚୟ । ତାଙ୍କ ଶୈଳୀ ସାହିତ୍ୟ ଜଗତ ପାଇଁ ଏକ ଦିଗ ସୃଷ୍ଟି କରିଛି । ତାଙ୍କର ଅକାଳ ବିୟୋଗରେ ଓଡ଼ିଆ ସାହିତ୍ୟର ଅନେକ କ୍ଷତି ଘଟିଛି । ଭଗବାନ ତାଙ୍କର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ।

**ସାହିତ୍ୟିକ ସନାତନ ଠାକୁର, ବଲାଙ୍ଗିର**

ବିଶିଷ୍ଟ ସାରସ୍ୱତ ପୁରୁଷ, ପ୍ରଚଣ୍ଡ ପ୍ରତିଭାବାନ ଗାଳ୍ପିକ ମନୋଜ ପଣ୍ଡାଙ୍କ ବିୟୋଗ ବଲାଙ୍ଗିର ମାଟି ସହ ସାରା ଓଡ଼ିଶା ପାଇଁ ଅପୂରଣୀୟ କ୍ଷତି । ତାଙ୍କ ଭଳି ଜଣେ ଗଳ୍ପ ଜଗତରେ ଭିନ୍ନ ଦିଗ ସୃଷ୍ଟି କରିବା ଭଳି ଗାଳ୍ପିକ ଜଗତରେ ବିରଳ । ତାଙ୍କ ସୃଷ୍ଟି ଜଗତରେ ସେ ଚିରଦିନ ବଂଚି ରହିବେ । ଅମର ଆତ୍ମାକୁ ସଦ୍‌ଗତି ମିଳୁ, ଏହା ହିଁ କାମନା ।

**‘କୋଶଳ ପ୍ରବାହ’ ପରିବାର**

## ଅଶ୍ରୁଳ ଶ୍ରଦ୍ଧାଂଜଳି



ମନୋଜ ଦାଦାଙ୍କ ବୈଠକ ଘର ଆଲମିରାର ତତ୍ତ୍ୱଭିତ୍ତିକ ଅନେକ ବହି ଏବେ ଖୋଜୁଥିବେ – ଆମର ସେ ବିଶ୍ୱସ୍ତ ପାଠକ କାହିଁ ? ଆଲମିରା ତ ଜମ୍ମାରୁ ଖୋଲୁନି । ମର୍ମାହତ । ବିଷାଦ । ଦୁଃଖଦ...
ପୁଣି ଥରେ ଗାଳ୍ପିକ ହୋଇ ଆସନ୍ତୁ ।

**କବି ପ୍ରଦୀପ କୁମାର ପଣ୍ଡା**
ସମ୍ବଲପୁର



ମନୋଜ ଦାଦାଙ୍କ ଦେହାନ୍ତ ଖୁବ୍ ମର୍ମାହତ କଲା । ଗ୍ରହଣ କରି ହେଉନାହିଁ, ବିଲ୍‌କୁଲ୍ । ସେହି ସ୍ୱତନ୍ତ୍ର ଶୈଳୀର କଥାଶିଳ୍ପୀଙ୍କୁ ଶ୍ରଦ୍ଧାଂଜଳି ।

**କବି ବାସୁଦେବ ସୁନାନୀ**
ନୂଆଦିଲ୍ଲୀ



ମୋର ବଂଧୁ ଗାଳ୍ପିକ ମନୋଜ ପଣ୍ଡା ଅକସ୍ମାତ୍ ଚାଲିଗଲେ । ତାଙ୍କ ସୃଷ୍ଟି ଜଗତ ଅତ୍ୟନ୍ତ ଉଜ୍ଜ୍ୱଳ । ନୂତନ ଦିଶା ପ୍ରଦାନ କରିଥିବା ତାଙ୍କ ସାହିତ୍ୟ କୃତି ଅମର ହୋଇ ରହିବ ଓଡ଼ିଆ ସାହିତ୍ୟ ଜଗତରେ ।

**କବି ପ୍ରହ୍ଲାଦ ଶତପଥୀ**
ବଲାଙ୍ଗିର



କଥାଶିଳ୍ପୀ ମନୋଜ ପଣ୍ଡା ଅକସ୍ମାତ୍ ଚାଲିଗଲେ । ତାଙ୍କ ସୃଷ୍ଟି ସମ୍ଭାରରେ ସେ ଚିରଦିନ ବଂଚି ରହିବେ । ତାଙ୍କ ଭଳି ଜଣେ ଅନନ୍ୟ ସ୍ରଷ୍ଟାଙ୍କୁ ଗଭୀର ଶ୍ରଦ୍ଧାଂଜଳି ।

**କବି ଭାଗୀରଥି ମିଶ୍ର**
ବଲାଙ୍ଗିର



ମନୋଜ ପଣ୍ଡାଙ୍କ ଇହଜଗତରୁ ଅଚାନକ ଅନ୍ତର୍ଦ୍ଧାନ ଆମ ସମସ୍ତଙ୍କ ପାଇଁ ଦୁଃଖଦ ସମ୍ବାଦ ଓ ଅପୂରଣୀୟ କ୍ଷତି । ଗୋଟିଏ ଶତାବ୍ଦୀ ବା ଅର୍ଦ୍ଧ ଶତାବ୍ଦୀ ଭିତରେ କଦବା କ୍ୱଚିତ୍ ତାଙ୍କ ପରି କଥାଶିଳ୍ପୀଙ୍କ ଆବିର୍ଭାବ ଘଟିଥାଏ । ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି ।

**କବି ମନୋଜ କୁମାର ମେହେର**
ଭୁବନେଶ୍ୱର



ମନୋଜ ପଣ୍ଡାଙ୍କ ଭଳି ଜଣେ ଗାଳ୍ପିକ ଓଡ଼ିଆ ସାହିତ୍ୟର ଗର୍ବ ଓ ଗୌରବ । ତାଙ୍କର ଶୂନ୍ୟସ୍ଥାନ ଆମକୁ ଖୁବ୍ କଷ୍ଟଦେବ । ତାଙ୍କ ଭଳି ଜଣେ ଗମ୍ଭୀର ଭାବଧାରାର ସ୍ରଷ୍ଟାଙ୍କୁ ହଜାରେ ପ୍ରଣାମ ।

**କବି ମୃଗେଶ ବୈଷ୍ଣବ ପାଣିଗ୍ରାହୀ**
ବଲାଙ୍ଗିର



ମନୋଜ ପଣ୍ଡାଙ୍କ ଶେଷାର୍ଦ୍ଧର ଭୋଲ୍ଟେରୀୟ ଭୂମିକା ତାଙ୍କ ଗପଠୁ ବି ଅଧିକ ଆବଶ୍ୟକ ଥିଲା ଆଜିର ସମାଜ ପାଇଁ । ତାଙ୍କ ତୁମା ଫେର୍ ବଲାଙ୍ଗିରରେ ଭୂମିଷ୍ଠ ହେଉ ।

**କବି ହେମନ୍ତ ଦଳପତି**
ଭୁବନେଶ୍ୱର



ମନୋଜ ପଣ୍ଡାଙ୍କ ସଂପୂର୍ଣ୍ଣ ଭିନ୍ନ ସ୍ୱାଦ ଓ ଶୈଳୀର ଗଳ୍ପ ଉପସ୍ଥାପନ ସାରା ଓଡ଼ିଆ ସାହିତ୍ୟ ଜଗତରେ ଚହଳ ସୃଷ୍ଟି କରିଥିଲା । ତାଙ୍କର କଥନ ରୀତି ଏବଂ ପ୍ରକାଶ ଶୈଳୀରେ ରହିଥିବା ଗାମ୍ଭୀର୍ଯ୍ୟ ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ତାଙ୍କ ଭଳି ଜଣେ ଗାଳ୍ପିକଙ୍କୁ ହରାଇବା ଆମ ପାଇଁ ବିଶେଷ କଷ୍ଟଦାୟକ ।

**ଗାଳ୍ପିକ ସୁକାନ୍ତ ସାହୁ**
ଭବାନୀପାଟଣା

## ଅଶ୍ରୁଳ ଶ୍ରଦ୍ଧାଂଜଳି



ଜଣେ ସ୍ୱତନ୍ତ୍ର ପରିଚୟ ବହନ କରିଥିବା କଥାକାର ହେଉଛନ୍ତି ମନୋଜ ପଣ୍ଡା । ତାଙ୍କ ଅକାଳ ବିୟୋଗ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି । ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛି ।

**କବି ରତ୍ନମୟ ତ୍ରିପାଠୀ**
ବଲାଙ୍ଗିର



ଜଣେ ଅନନ୍ୟ ଗଳ୍ପ ସ୍ରଷ୍ଟାଙ୍କୁ ଏ ମାଟି ହରାଇଲା । ତାଙ୍କ ସାହିତ୍ୟ କୃତି ବାସ୍ତବରେ ଏକ ନୂତନ ଦିଗ ଉନ୍ମୋଚନ କରିଛି । ସେ ଆମ ଗହଣରେ ସଦା ଅମର ହୋଇ ରହିବେ । ତାଙ୍କର ଆତ୍ମାର ସଦ୍‌ଗତି କାମନା କରୁଛି ।

**କବି ବିଜୟ କୁମାର ତ୍ରିପାଠୀ**
ବଲାଙ୍ଗିର



ଗଳ୍ପ ସହିତ ଖୁବ୍ ନିବିଡ଼ ଭାବରେ ନିଜକୁ ସାମିଲ୍ କରି ଶବ୍ଦର ଯାଦୁରେ ବିଚିତ୍ର ଚିତ୍ରକଳ୍ପ ସୃଷ୍ଟି କରିବା ଦିଗରେ ମନୋଜ ପଣ୍ଡା ଜଣେ ସଫଳ ସ୍ରଷ୍ଟା । ତାଙ୍କ ଗଳ୍ପ ଯୁଗ ଯୁଗ ଧରି ସାହିତ୍ୟ ଜଗତରେ ବଂଚି ରହିବ । ସେଭଳି ଜଣେ ସ୍ରଷ୍ଟାଙ୍କୁ କୋଟି କୋଟି ପ୍ରଣାମ ।

**କବି ପିନାକୀ ମିଶ୍ର**
କେନ୍ଦୁଝର



ଆଧୁନିକ ଗପରେ ନିଆରା । ଶୈଳୀ ପାଇଁ ସ୍ୱର୍ଗତ ମନୋଜ କୁମାର ପଣ୍ଡା ପାଠକଙ୍କ ହୃଦୟରେ ଚିରଦିନ ବଂଚି ରହିବେ ଏବଂ ସେମିତି ବଂଚି ରହିବ ତାଙ୍କ ‘ମାୟା ବଗିଚା’ ସାହିତ୍ୟ ଜଗତରେ । ତାଙ୍କ ଆତ୍ମା ସଦ୍‌ଗତି ପାଉ ।

**ଗାଳ୍ପିକ ବିଜୟ କୁମାର ପ୍ରଧାନ**
ଭବାନୀପାଟଣା



କାହାକୁ କିଛି କହିଲନି କି ଜଣାଇଲ ନାହିଁ । ନୀରବରେ ଅତି ସନ୍ତର୍ପଣେ ସବୁ ଛାଡ଼ିଛୁଡ଼ି ଦେଇ ରାତ୍ରିର ଗହଳିଆ ଅଂଧାର ଆଡ଼କୁ ଚାଲିଗଲ ଏକ ଶେଷହୀନ ଅପହଂଚ ଇଲାକାକୁ, ଯେଉଁଠୁ କେହି କେବେ ଆସେନି ମୁକୁଳି । ଇଗ୍‌ଲୁ ଏବେ ନୀରବୀ ଯାଇଛି କଥାଶିଳ୍ପୀ । ତୁମ ଭଳି ଜଣେ ଅନନ୍ୟ ସ୍ରଷ୍ଟା ପୁରୁଷଙ୍କୁ କୋଟି କୋଟି ଦଣ୍ଡବତ ଜଣାଉଛି ।

**କବି ଜ୍ୟୋତିରଂଜନ ମିଶ୍ର**
ବଲାଙ୍ଗିର

## ଗାଳ୍ପିକ ମନୋଜ ପଣ୍ଡାଙ୍କ ବିୟୋଗରେ ଶୋକସଭା



କଂଟାବାଂଜି, (ସ୍ୱପ୍ର) : ବିଶିଷ୍ଟ ସାହିତ୍ୟିକ ,ଗାଳ୍ପିକ ତଥା ଲେଖକ ସାରଳା ପୁରସ୍କାରପ୍ରାପ୍ତ ମନୋଜ ପଣ୍ଡାଙ୍କ ଅକାଳ ବିୟୋଗରେ କଂଟାବାଂଜିରେ ଏକ ଶୋକସଭା ଗତ ଶୁକ୍ରବାର ସନ୍ଧ୍ୟାରେ କୋଭିଡ଼୍ ନିୟମ ପାଳନ ସହ ସ୍ଥାନୀୟ ପି.ଡବ୍ଲୁ.ଡି. ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଛି । କବି ତଥା ଲେଖକ ଡଃ.ସଂଜୟ କୁମାର ମିଶ୍ରଙ୍କ ଦ୍ୱାରା ଆହୁତ ସଭାରେ ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ଶର୍ମା, ଅନୁବାଦକ ସୁଶିଲ ରାଉତ, ସାମାଜିକ କର୍ମୀ ସୁରଥ ବେହେରା, ସାମ୍ବାଦିକ ସଂଘ ସଂପାଦକ ଗୁରୁଦୟାଲ ହଂସ, ପୁଷ୍ପକେତୁ ବେହେରା, ଆଇନଜୀବୀ ସଂଜୟ କୁମାର ଲାଠ, ଜୀବନବୀମା କର୍ମୀ ଶ୍ୟାମଲାଲ ଅଗ୍ରୱାଲ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ଶୋକସଭାରେ ସ୍ୱର୍ଗତ ପଣ୍ଡାଙ୍କ ଲିଖିତ ବିଭିନ୍ନ ପୁସ୍ତକ ଗୁଡିକରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଗାଁ ଗଣ୍ଡାର ସମସ୍ୟାକୁ ସାହିତ୍ୟରେ ସ୍ଥାନ ଦେଇଥିବା ବିଷୟ ଉପରେ ଆଲୋଚନା ହୋଇଛି । ଏପରିକି କଂଟାବାଂଜିରେ ନିଜର କର୍ମମୟ ଜୀବନ ଆରମ୍ଭ କରିବା ମୂଳରେ ତାଙ୍କର ମିଷ୍ଟଭାଷୀ ତଥା ଭାତୃତ୍ୱ ଭାବ ସହିତ ସାହିତ୍ୟ ପ୍ରତି ଥିବା ଅନୁରାଗ ଅଂଚଳ ପାଇଁ ଅବଦାନ ବୋଲି ଶୋକସଭାରେ ଆଲୋଚନା କରାଯାଇଛି । ଏହି ଶୋକସଭାରେ ଉପସ୍ଥିତ ସମସ୍ତେ ସ୍ୱର୍ଗତ୍ ପଣ୍ଡାଙ୍କ ସ୍ମୃତିଚାରଣ କରିଛନ୍ତି ।

# ‘ଆଇଟୋଲିଜୁମାବ’ କୋଭିଡ଼ ରୋଗୀଙ୍କ ପାଇଁ ଜରୁରୀ ସ୍ଥିତିରେ ସୀମିତ ବ୍ୟବହାର ହୋଇପାରିବ : ଡିସିଜିଆଇ

ନୂଆଦିଲ୍ଲୀ, (ପିଆଇବି) : ଭାରତୀୟ ଭେଷଜ ମହାନିୟନ୍ତ୍ରକ (ଡିସିଜିଆଇ) କୋଭିଡ-୧୯ ଆକ୍ରାନ୍ତଙ୍କ ପାଇଁ ‘ଆଇଟୋଲିଜୁମାବ’ ଔଷଧ ଜରୁରୀକାଳୀନ ସୀମିତ ବ୍ୟବହାରକୁ ଅନୁମତି ପ୍ରଦାନ କରିଛନ୍ତି । ‘ଆଇଟୋଲିଜୁମାବ’ (ଆର୍‌ଡ଼ିଏନ୍‌ଏ ଅରିଜିନ) ଏକ ମନୋକ୍ଲୋନାଲ ଆଣ୍ଟିବଡ଼ି ବା ରୋଗ ପ୍ରତିରୋଧକାରୀ ଔଷଧ । ଏହା ଏବେ ଗୁରୁତର ଏବଂ ପୁରୁଣା ପ୍ଲାକ୍ ସୋରିଆସିସ୍ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଛି । କୋଭିଡ଼ ଆକ୍ରାନ୍ତଙ୍କୁ ଏହା ଦିଆଯାଇ ପାରିବ ବୋଲି ପରୀକ୍ଷାମୂଳକ ପ୍ରୟୋଗ ପରେ ଡିସିଜିଆଇ ଅନୁମତି ଦେଇଛନ୍ତି । ବାଇକନ୍ କଂପାନୀ ଦ୍ୱାରା ପ୍ରସ୍ତୁତ ହେଉଥିବା ଏହି ଔଷଧଟି ପ୍ଲାକ୍ ସୋରିଆସିସ୍ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ୨୦୧୩ରୁ ଆଲ୍‌ଜୁମାବ ବ୍ରାଣ୍ଡ ନାମରେ ବିକ୍ରି ହେଉଛି । ଏହି ଦେଶୀ ଔଷଧଟିକୁ କୋଭିଡ଼ ଚିକିତ୍ସା ପାଇଁ ପୁନଃଉଦ୍ଦେଶିତ କରାଯାଇଛି ।

ବାଇକନ କଂପାନୀ ଏହି ଔଷଧର କ୍ଲିନିକାଲ ପରୀକ୍ଷା କରିବା ପରେ ସଂପୃକ୍ତ ରିପୋର୍ଟ ଡିସିଆଇକୁ ଦେଇଥିଲା । ଡିସିଜିଆଇର ବିଶେଷଜ୍ଞ କମିଟି ଏହା ଉପରେ ତର୍ଜମା କରିବା ପରେ କୋଭିଡ଼ ରୋଗୀଙ୍କୁ ଏହା ଦିଆଯାଇ ପାରିବ ବୋଲି ମତ ଦେଇଛନ୍ତି । ଏହି ଔଷଧ ଇନ୍‌ଫ୍ଲାମେସନ ବା ପ୍ରଦାହ ପାଇଁ ବିଶେଷ ଦାୟୀ ଆଇଏଲ୍-୬, ଟିଏନ୍‌ଏଫ୍‌ଏ ଆଦିର ପ୍ରକୋପକୁ ଉଲ୍ଲେଖନୀୟ ଭାବେ ହ୍ରାସ କରି ପାରୁଥିବା ପରୀକ୍ଷାରୁ ଜଣାପଡ଼ିଛି । ଏହି ଔଷଧ କୋଭିଡ଼ ରୋଗୀଙ୍କୁ ଦିଆଗଲେ ସେମାନେ ମାତ୍ରାଧିକ ଇନ୍‌ଫ୍ଲାମେସନରୁ ରକ୍ଷା ପାଇ ପାରିବେ । କମିଟିର ସୁପାରିସ ଆଧାରରେ ଡିସିଜିଆଇ ଏହି ଔଷଧର ବିକ୍ରିବଟା ପାଇଁ ଅନୁମତି ଦେଇଛନ୍ତି ଏବଂ ନିଜ ନିର୍ଦ୍ଦେଶରେ ସ୍ପଷ୍ଟ କରି ଦେଇଛନ୍ତି ଯେ ସ୍ୱଳ୍ପ ଓ ମଧ୍ୟମ ଧରଣର କରୋନା ଆକ୍ରାନ୍ତଙ୍କ ପାଇଁ ଏହା ଜରୁରୀକାଳୀନ ସ୍ଥିତିରେ ସୀମିତ ଭାବେ ବ୍ୟବହାର ହୋଇପାରିବ । ଏହା କେବଳ ସଂପୃକ୍ତ ରୋଗୀ ଯେତେବେଳେ ମାତ୍ରାଧିକ ଶ୍ୱାସ କ୍ରିୟାଜନିତ ସମସ୍ୟାର ସମ୍ମୁଖୀନ ହେବେ ସେତେବେଳେ ସାଇଟୋକାଇନ୍ ରିଲିଜ୍ ସିମ୍‌ଡ୍ରୋମ୍ ପାଇଁ ଏହା ବ୍ୟବହୃତ ହେବ । ଅବଶ୍ୟ ଏଥିପାଇଁ ହସ୍‌ପିଟାଲ୍‌ରେ ଆବଶ୍ୟକ ଜରୁରୀକାଳୀନ ପରିଚାଳନା ବ୍ୟବସ୍ଥା ରଖିବାକୁ ପଡ଼ିବ ।

ହସ୍‌ପିଟାଲ୍ ବାହାରେ ଏହି ଔଷଧ ବ୍ୟବହାର କରାଯାଇ ପାରିବ ନାହିଁ । ଏହି ଦେଶୀ ଔଷଧ ଆଇଟୋଲିଜୁମାବ ବ୍ୟବହାର ଫଳରେ ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ତୁଳନାତ୍ମକ ଭାବେ ଯଥେଷ୍ଟ ହ୍ରାସ ପାଇବ । ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୋଭିଡ଼-୧୯ ପ୍ରୋଟକଲ ଅନୁସାରେ ରୋଗୀଙ୍କ ଚିକିତ୍ସା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି ।

ସେଥିରେ ଯେଉଁ ଇନ୍‌ଭେଷ୍ଟିଗେସନାଲ ଥେରୋପି ବିଧି ରହିଛି ତଦନୁସାରେ ଏହି ଔଷଧ ବ୍ୟବହାର କରାଯିବ ।

# ନୂଆ ଗିନିଜ ରେକର୍ଡ଼ ପ୍ରତିଷ୍ଠା କଲା ଭାରତର ବ୍ୟାଘ୍ର ଗଣନା



* କ୍ୟାମେରା ମାଧ୍ୟମରେ ବିଶ୍ୱର ସର୍ବବୃହତ୍ତ ବନ୍ୟପ୍ରାଣୀ ସର୍ଭେ

* ଏକ ବିରଳ ମୁହୂର୍ତ୍ତ ଏବଂ ଆତ୍ମନିର୍ଭର ଭାରତର ଜାଜୁଲ୍ୟମାନ ଉଦାହରଣ : କେନ୍ଦ୍ର ପରିବେଶ ମନ୍ତ୍ରୀ

ନୂଆଦିଲ୍ଲୀ, (ପିଆଇବି) : ସର୍ବଭାରତୀୟ ବ୍ୟାଘ୍ର ଗଣନା ୨୦୧୮ର ଫଳାଫଳ ଗତବର୍ଷ ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ହୋଇଥିଲା । ବିଶ୍ୱର ସର୍ବବୃହତ କ୍ୟାମେରା ଉତ୍ତୋଳିତ ବନ୍ୟପ୍ରାଣୀ ସର୍ଭେ ହିସାବରେ ଏହା ଗିନିଜ୍ ୱାଲ୍ଡ଼ ଅଫ୍ ରେକର୍ଡ଼ରେ ସ୍ଥାନ ପାଇଛି । ଏହାକୁ ଏକ ବିରଳ ମୁହୂର୍ତ୍ତ ଭାବରେ ବର୍ଣ୍ଣନା କରି କେନ୍ଦ୍ର ପରିବେଶ ଓ ଜଂଗଲ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ, ଏହା ଆତ୍ମନିର୍ଭର ଭାରତର ଏକ ଜ୍ୱଳନ୍ତ ଉଦାହରଣ । ପ୍ରଧାନମନ୍ତ୍ରୀଙ୍କ ନିଜ ଭାଷାରେ ଏହା ‘ସଂକଳ୍ପରୁ ସିଦ୍ଧି’ । ପରିବେଶ ମନ୍ତ୍ରୀ ଶ୍ରୀ ଜାଭଡେକର ଆହୁରି କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଧାର୍ଯ୍ୟ ସମୟରେ ୪ ବର୍ଷ ପୂର୍ବରୁ ବାଘଙ୍କ ସଂଖ୍ୟା ଦ୍ୱିଗୁଣିତ କରିବାର ସଂକଳ୍ପକୁ ପୂରଣ କରି ସାରିଛି । ସର୍ବଶେଷ ଗଣନା ଅନୁସାରେ ଦେଶରେ ବର୍ତ୍ତମାନ ୨,୯୬୭ଟି ବାଘ ଥିବା ଗଣନାରୁ ଜଣାଯାଇଛି । ଏଥି ସହିତ ଭାରତରେ ବିଶ୍ୱର ୭୫ ପ୍ରତିଶତ ବାଘ ଅଛନ୍ତି । ସେହିଦୃଷ୍ଟିରୁ ବାଘ ସଂଖ୍ୟା ଦ୍ୱିଗୁଣିତ କରିବା ନେଇ ୨୦୧୦ରେ ସେଣ୍ଟପିଟର୍ସବର୍ଗଠାରେ ହୋଇଥିବା ସଂକଳ୍ପକୁ ଭାରତ ଧାର୍ଯ୍ୟ ସମୟ ୨୦୨୨ ପୂର୍ବରୁ ହାସଲ୍ କରିସାରିଛି ।

ଗିନିଜ ୱାଲ୍ଡ଼ ରେକର୍ଡ଼ ଦ୍ୱାରା ପ୍ରଦତ୍ତ ମାନପତ୍ରରେ ଲେଖାଅଛି ଯେ, ୨୦୧୮-୧୯ରେ କରାଯାଇଥିବା ଭାରତର ୪ର୍ଥ ବ୍ୟାଘ୍ର ଗଣନା ଚକ୍ର ଏ ପର୍ଯ୍ୟନ୍ତ ହୋଇଥିବା ଗଣନା ମଧ୍ୟରେ ତଥ୍ୟ ଓ ସଂପଦ ଦୃଷ୍ଟିରୁ ଖୁବ୍ ବ୍ୟାପକ । ଦୂର ସମ୍ବେଦୀ ଉପକରଣ ସହ ଖଂଜା ହୋଇଥିବା କ୍ୟାମେରା ଦ୍ୱାରା ଏହି ଗଣାନା କରାଯାଇଥିଲା । ୧୪୧ଟି ଭିନ୍ନ ଭିନ୍ନ ବନାଂଚଳରେ ଥିବା ୨୬,୮୩୮ଟି ସ୍ଥାନ ଓ ପ୍ରାୟ ୧୨୧୩୩୭ ବର୍ଗ କିଲୋମିଟର ପରିମିତ ଅଂଚଳ କ୍ୟାମେରା ନଜରରେ ରହିଥିଲା । କ୍ୟାମେରାଗୁଡ଼ିକ ୩,୪୮,୫୮,୬୨୩ଟି ବିଭିନ୍ନ ବନ୍ୟପ୍ରାଣୀଙ୍କ ଫଟୋଚିତ୍ର ଉତ୍ତୋଳନ କରିଥିଲା । ସେଥିମଧ୍ୟରୁ ୭୬,୬୫୧ଟି ବାଘ ଓ ୫୧,୭୭୭ଟି କଲରାପତରିଆ ଥିବା ବେଳେ ଅବଶିଷ୍ଟ ଅନ୍ୟାନ୍ୟ ଜୀବଜନ୍ତୁ ଥିଲେ । ଏହି ଫଟୋଚିତ୍ର ମଧ୍ୟରେ ଛୁଆଙ୍କୁ ଛାଡ଼ି ୨,୪୬୧ଟି ବାଘ ଠାବ କରାଯାଇଥିଲା । ଏହାଛଡ଼ା ଭାରତରେ ବାଘଙ୍କ ଗଣନା କରିବା ପାଇଁ ୫,୨୨,୯୯୬ କିଲୋମିଟର ପରିମିତ ଅଂଚଳରେ ବ୍ୟାଘ୍ର ପଦଚିହ୍ନ ମଧ୍ୟ ସର୍ଭେ କରାଯାଇଥିଲା । ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତି ୪ ବର୍ଷରେ ଥରେ ବାଘ ଗଣନା କରାଯାଇଥାଏ । ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ ଏଥିପାଇଁ ବୈଷୟିକ ସହାୟତା ଦେଉଥିବା ବେଳେ ରାଜ୍ୟ ସରକାରଙ୍କ ଜଂଗଲ ବିଭାଗ ଏହାକୁ ତ୍ୱରାନ୍ୱିତ କରିଥାନ୍ତି । ୨୦୧୮ରେ ହୋଇଥିବା ସବିଶେଷ ସର୍ଭେ ଅନୁସାରେ ଦେଶରେ ୨,୯୬୭ଟି ବାଘ ଅଛନ୍ତି । ସମଗ୍ର ବିଶ୍ୱରେ ପ୍ରୋଜେକ୍ଟ ଟାଇଗର ଭଳି ପ୍ରକଳ୍ପ ଦେଖିବାକୁ ମିଳିବା ପ୍ରାୟତଃ ଅସମ୍ଭବ । ମାତ୍ର ୯ଟି ବ୍ୟାଘ୍ର ଅଭୟାରଣ୍ୟକୁ ନେଇ ଆରମ୍ଭ କରାଯାଇଥିବା ଏହି ପ୍ରକଳ୍ପରେ ୫୦ ବ୍ୟାଘ୍ର ଅଭୟାରଣ୍ୟକୁ ସାମିଲ କରାଯାଇ ସାରିଲାଣି । ଭାରତ ବର୍ତ୍ତମାନ ବ୍ୟାଘ୍ର ସଂରକ୍ଷଣ ଦିଗରେ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

# ପ୍ରଥମ ଥର ପାଇଁ ଭାରତୀୟ ରେଳ ବାଂଲାଦେଶକୁ ପଠାଇଲା ସ୍ୱତନ୍ତ୍ର ପାର୍ସଲ ଟ୍ରେନ

* ଦକ୍ଷତାର ସହିତ ମାଲ ପରିବହନ ଉପରେ ରେଳବାଇର ଗୁରୁତ୍ୱ

* ରେଡ୍ଡୀପାଲମ (ଗୁଣ୍ଟୁର)ରୁ ଶୁଖିଲା ଲଙ୍କା ଗଲା ବେନାପୋଲ (ବାଂଲାଦେଶ)

ନୂଆଦିଲ୍ଲୀ, (ପିଆଇବି) : ପ୍ରଥମ ଥର ନିମନ୍ତେ ଭାରତୀୟ ରେଳବାଇ ବାଂଲାଦେଶର ବେନାପୋଲକୁ ଆନ୍ଧ୍ରପ୍ରଦେଶ ଗୁଣ୍ଟୁରର ରେଡ୍ଡୀପାଲମରୁ ଶୁଖିଲା ଲଙ୍କା ସ୍ୱତନ୍ତ୍ର ପାର୍ସଲ ଟ୍ରେନ୍ ଯୋଗେ ପଠାଇଛି । ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଓ ଏହାର ଆଖପାଖ ଅଂଚଳ ଲଙ୍କା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଛି । ଗୁଣବତ୍ତା ଓ ସ୍ୱାଦ ଦୃଷ୍ଟିରୁ ଏହି ଲଙ୍କାର ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ରହିଛି । ଆଗରୁ ଗୁଣ୍ଟୁର ଅଂଚଳର ବ୍ୟବସାୟୀ ଓ ଚାଷୀମାନେ ସଡ଼କ ପଥରେ ବାଂଲାଦେଶକୁ ଲଙ୍କା ରପ୍ତାନୀ କରୁଥିଲେ । ଟନ୍ ପିଛା ଏଥିପାଇଁ ୭ ହଜାର ଟଙ୍କା ଖର୍ଚ୍ଚ ହେଉଥିଲା । ଲକ୍‌ଡାଉନ୍ ଯୋଗୁଁ ସେମାନେ ସଡ଼କ ପଥରେ ଲଙ୍କା ପଠାଇବା ସମ୍ଭବ ହେଲାନାହିଁ । ରେଳ କର୍ତ୍ତୃପକ୍ଷ ସେମାନଙ୍କ ସହ କଥାବାର୍ତ୍ତା କରି ରେଳ ଦ୍ୱାରା ଏହା ପଠାଯାଇ ପାରିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଲେ । ମାଲବାହୀ ଟ୍ରେନ୍ ଯୋଗେ ଏହି ଲଙ୍କା ପଠାଯିବା ପାଇଁ ବ୍ୟବସ୍ଥା କରାଗଲା ।

ଦକ୍ଷିଣ କେନ୍ଦ୍ରୀୟ ରେଳବାଇ ଗୁଣ୍ଟୁର ମଣ୍ଡଳ ପକ୍ଷରୁ ଥରକେ ସର୍ବାଧିକ ୫୦୦ ଟନ୍ ପର୍ଯ୍ୟନ୍ତ ଲଙ୍କା ପଠାଇବାକୁ ନିଷ୍ପତ୍ତି ହେବା ପରେ ୧୬ଟି ଡବା ବିଶିଷ୍ଟ ଏକ ସ୍ୱତନ୍ତ୍ର ପାର୍ସଲ ଏକ୍ସପ୍ରେସ୍ ବାଂଲାଦେଶର ବେନାପୋଲ ଅଭିମୁଖେ ଯାତ୍ରା କରିଥିଲା । ପ୍ରତ୍ୟେକ ଡବାରେ ୪୬୬ଟି ବସ୍ତା ଲେଖାଏଁ ଶୁଖିଲା ଲଙ୍କା ବୋଝେଇ ହୋଇଥିଲା । ବସ୍ତା ପିଛା ୧୯.୯ ଟନ୍ ଶୁଖିଲା ଲଙ୍କା ଏହିପରି ମୋଟ ୩୮୪ ଟନ ସ୍ୱତନ୍ତ୍ର ପାର୍ସଲ ଟ୍ରେନ୍ ଯୋଗେ ପରିବହନ କରାଯାଇଛି । ପାର୍ସଲ ଟ୍ରେନ୍‌ରେ ଟନ୍ ପିଛା ୪୬୦୮ ଟଙ୍କା ଦେୟ ଦେବାକୁ ପଡୁଥିବା ବେଳେ ସଡ଼କ ପଥରେ ଟନ୍ ପିଛା ୭ ହଜାର ଟଙ୍କା ଭଡ଼ା ବାବଦକୁ ଖର୍ଚ୍ଚ ହେଉଥିଲା ।

କୋଭିଡ-୧୯ ଲକ୍‌ଡାଉନ୍ କାଳରେ ଭାରତୀୟ ରେଳବାଇ ଅଧିକରୁ ଅଧିକ ପାର୍ସଲ ଟ୍ରେନ୍ ଚଳାଇବା ପାଇଁ ଅନେକ ପଦକ୍ଷେପ ନେଇଛି । ମେଡ଼ିକାଲ ଯନ୍ତ୍ରପାତି, ଖାଦ୍ୟ ପଦାର୍ଥ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପାର୍ସଲ ଟ୍ରେନ୍ ଯୋଗେ ପରିବହନ କରାଯାଉଛି । ଗତ ମାର୍ଚ୍ଚ ୨୨ରୁ ଚଳିତ ମାସ ୧୧ ମଧ୍ୟରେ ରେଳବାଇ ପକ୍ଷରୁ ୪୪୩୪ଟି ପାର୍ସଲ ଟ୍ରେନ୍ ଚଳାଯାଇଛି ।

# କରୋନା ଭୂତାଣୁର ଷ୍ଟେବୁଲ କଲଚର ପ୍ରତିପାଦନରେ ସଫଳ ହେଲା ଆଇଏଲ୍‌ଏସ୍

ଭୁବନେଶ୍ୱର, (ପିଆଇବି) : ଭାରତ ସରକାରଙ୍କର ବାୟୋଟେକ୍ନୋଲୋଜି ବିଭାଗ ଅଧୀନ ସ୍ୱାୟତ୍ତ ସଂସ୍ଥାନ ଭୁବନେଶ୍ୱର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍ (ଆଇଏଲ୍‌ଏସ୍) ଭେରୋ ସେଲ୍‌ର ଉପଯୋଗ କରି ସଂକ୍ରମିତ ରୋଗୀଙ୍କ ନମୁନାରୁ କରୋନା ଭୂତାଣୁର ଭିଟ୍ରୋ କଲଚରକୁ ସଫଳତା ପୂର୍ବକ ପ୍ରତିପାଦନ କରିବାରେ ସଫଳ ହୋଇଛି । ନିଷ୍କ୍ରିୟ ସଂପୂର୍ଣ୍ଣ କୋଷିକା ଆଧାରିତ ଟିକା ବିକଶିତ କରିବାରେ ସାରା ବିଶ୍ୱରେ ଭେରୋ ସେଲ କଲଚର ଟେକ୍ନୋଲୋଜିର ଉପଯୋଗ କରାଯାଉଛି । ଦେଶର ଭିନ୍ନ ଭିନ୍ନ ସ୍ଥାନରୁ ବିଭିନ୍ନ ପ୍ରକାରର ଭୂତାଣୁ ପ୍ରଭାବ ଥିବା ସ୍ୱାବ୍ ନମୁନାରୁ ୧୭ଟି ଭାଇରସ କଲଚର ସଂଗ୍ରହ କରାଯାଇଛି । ଡ. ସୋନା ଚଟ୍ଟୋପାଧ୍ୟାୟ ଏବଂ ଡ. ଗୁଲାମ ଏଚ୍.ସୟିଦଙ୍କ ନେତୃତ୍ୱରେ ଆଇଏଲଏସ୍ ଟିମ ଏସବୁ ଭାଇରସ କଲଚରର ପ୍ରତିପାଦନ ସଫଳତା ପୂର୍ବକ ସଂପନ୍ନ କରିଛି । ବିଏସଏଲ ୩ ସୁବିଧାରେ ସମସ୍ତ ଅନ୍ତର୍ଜାତୀୟ ପ୍ରୋଟୋକଲ ଏବଂ ସତର୍କତା ଅବଲମ୍ବନ କରାଯାଇ ଏହା ସମାପନ କରାଯାଇଛି । ଆଇଏଲଏସ୍‌ର ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା କହିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି କାରଣ ବର୍ତ୍ତମାନ ସୁଦ୍ଧା ଭାରତରେ ମାତ୍ର ତିନୋଟି ପରୀକ୍ଷାଗାରରେ ଭାଇରସ କଲଚର ପ୍ରତିପାଦନ କରାଯାଇ ପାରିଛି । ସମ୍ଭାବ୍ୟ ଔଷଧର ପ୍ରସ୍ତୁତି, ପ୍ରୟୋଗ ସହିତ ଟିକା ବିକାଶ କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇ ପାରିବ । ସାର୍ସ-କୋଭ-୨ କଲଚର ହେବା ପରେ ଏହାକୁ ଆଣ୍ଟିବଡ଼ି କିମ୍ବା ଆଣ୍ଟି-ଡ଼ଟ ବିକଶିତ କରିବା, ଆଣ୍ଟିବଡ଼ି ପରୀକ୍ଷଣ ଏବଂ ପ୍ରଭାବୀ ଚିକିତ୍ସା ପଦ୍ଧତି ବିକାଶରେ ଉପଯୋଗ କରାଯାଇ ପାରିବ । ଡ. ପରିଡ଼ା ବିଶ୍ୱାସ ପ୍ରକଟ କରିଛନ୍ତି, ଦେଶରେ କୋଭିଡ଼ ମହାମାରୀ ମୁକାବିଲା ଏବଂ ଭବିଷ୍ୟତର ପ୍ରସ୍ତୁତି କ୍ଷେତ୍ରରେ ଏହା ଏକ ଉପଯୋଗୀ ସମ୍ବଳ ହୋଇପାରିବ ।

# ନୂତନ ଯାନବାହନ ପଞ୍ଜିକରଣ ପୂର୍ବରୁ ଫାଷ୍ଟଟ୍ୟାଗ୍ କ୍ୟାପଚର୍ସ ସୁନିଶ୍ଚିତ କରିବା ସକାଶେ ଏନ୍‌ଆଇସିକୁ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ନିର୍ଦ୍ଦେଶ

* ଯାନବାହନ ଗୁଡ଼ିକୁ ଜାତୀୟ ପର୍‌ମିଟ୍ ଦେବା ପୂର୍ବରୁ ଫିଟ୍‌ନେସ୍ ସାର୍ଟିଫିକେଟ୍ ସୁନିଶ୍ଚିତ କରିବାକୁ ପରାମର୍ଶ ।

* କୋଭିଡ୍ ମହାମାରୀ ସମୟରେ ଯୋଗାଯୋଗ / ଯାତାୟାତ ସରଳୀକରଣ ନିମନ୍ତେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

* ‘ବାହନ’ ସହିତ ଏନ୍‌ଇଟିସିର ସମନ୍ୱୟ ସଂପୂର୍ଣ୍ଣ ରୂପେ ହାସଲ ହୋଇପାରିଛି

ନୂଆଦିଲ୍ଲୀ, (ପିଆଇବି) : ସାରା ଦେଶରେ ନୂଆ ଯାନବାହନ ପଞ୍ଜିକରଣ ବେଳେ ଫାଷ୍ଟଟ୍ୟାଗ କ୍ୟାପଚର ତଥା ଫିଟନେସ ସାର୍ଟିଫିକେଟ୍‌କୁ ସୁନିଶ୍ଚିତ କରାଯିବା ଜରୁରୀ । କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାସନାଲ ଇନ୍‌ଫର୍ମାଟିକ୍ସ ସେଣ୍ଟର (ଏନ୍‌ଆଇସି)କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦିଆଯାଇଛି । ଏନ୍‌ଆଇସି ତଥା ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ କ୍ଷେତ୍ରକୁ ଏହି ମର୍ମରେ ମନ୍ତ୍ରଣାଳୟ ପକ୍ଷରୁ ଲେଖାଯାଇଥିବା ଏକ ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି ଯେ, ଜାତୀୟ ଇଲେକ୍ଟ୍ରୋନିକ୍ସ ଟୋଲ୍ ସଂଗ୍ରହ (ଏନ୍‌ଇଟିସି)କୁ ‘ବାହନ’ ପୋର୍ଟାଲ ସହିତ ସଂପୂର୍ଣ୍ଣ ରୂପେ ସମନ୍ୱିତ କରାଯିବାରେ ସଫଳତା ହାସଲ କରାଯାଇଛି । ଏହା ଗତ ମେ’ ମାସ ୧୪ ତାରିଖଠାରୁ ଏପିଆଇ ସହିତ ଲାଇଭ କରାଯାଇ ସାରିଛି । ବାହନ ବ୍ୟବସ୍ଥା ସଂପ୍ରତି ଭିଆଇଏନ୍/ ଭିଆର୍‌ଏନ୍ ମାଧ୍ୟମରେ ଫାଷ୍ଟଟ୍ୟାଗ୍‌ରେ ସକଳ ପ୍ରକାର ତଥ୍ୟ ସୂଚନା ପାଇପାରୁଛି ।ଏହା ଫଳରେ ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଆଇସିକୁ ପରାମର୍ଶ ଦିଆଯାଇଛି ଯେ ଫାଷ୍ଟଟ୍ୟାଗ୍ ମାଧ୍ୟମରେ ସେମାନେ ନୂଆ ଯାନବାହନ ପଂଜିକରଣ କରିବା ସମୟରେ ସବୁପ୍ରକାର ସୂଚନା ସଂଗ୍ରହ କରିବା ଆବଶ୍ୟକ । ସେହିଭଳି ଜାତୀୟ ପର୍‌ମିଟ୍ ଅଧୀନରେ ଯେଉଁସବୁ ଯାନବାହନ ଦେଶବ୍ୟାପୀ ଚଳାଚଳ କରୁଛି ସେଗୁଡ଼ିକୁ ଫିଟ୍‌ନେସ୍ ସାର୍ଟିଫିକେଟ୍ ପ୍ରଦାନ ସମୟରେ ମଧ୍ୟ ଏହିସବୁ ତଥ୍ୟାବଳୀ ସୁନିଶ୍ଚିତ କରିବା ଜରୁରୀ । ଏମ୍ ଏବଂ ଏନ୍ ବର୍ଗରେ ବିକ୍ରି ହେଉଥିବା ଯାନବାହନ ନୂତନ ଭାବେ କ୍ରୟ କଲାବେଳେ ଫାଷ୍ଟଟ୍ୟାଗ୍‌ର ଫିଟ୍‌ମେଣ୍ଟକୁ ୨୦୧୭ ମସିହାଠାରୁ ବାଧ୍ୟତାମୂଳକ କରାଯାଇଛି ।

କବି ଆନଂଦ ଚଂଦ୍ର ସାହୁଙ୍କର୍
କବିତା ଶୁନ୍‌ବାର୍ ଲାଗି

ୟୁଟ୍ୟୁବ୍ ଥି ସର୍ଚ୍ଚ କରୁନ୍

kabyagumpha

Pl. Subscribe, Share, Like and Comment.

# ସାମ୍ବାଦିକ କରୋନା ଯୋଦ୍ଧା ପ୍ରିୟଦର୍ଶୀ ଚାଲିଗଲେ



ବ୍ରହ୍ମପୁର, (ସ୍ୱପ୍ର) : ଯୁବ ସ୍ୱେଚ୍ଛାସେବୀ ତଥା 'ସମାଜ'ର ହିଂଜିଳିକାଟୁ ବ୍ଲକ୍ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ ଓରଫ୍ ମୁନୁ (୪୭)ଙ୍କ କରୋନା ସଂକ୍ରମଣରେ ବିୟୋଗ ଘଟିଥିବା ବେଳେ ସାରା ରାଜ୍ୟର ସାମ୍ବାଦିକ ଜଗତରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁସାରେ ସେ କିଛିଦିନ ଧରି କିମ୍ସ୍ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । କିମ୍ସ୍ ହସ୍ପିଟାଲ୍‌ରେ ମୁନୁଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ର ସ୍ପଷ୍ଟ କରିଥିଲେ । ପ୍ରଥମ ସାମ୍ବାଦିକ କରୋନା ଯୋଦ୍ଧା ପ୍ରିୟଦର୍ଶୀଙ୍କ ଅକାଳ ବିୟୋଗ ସାରା ଗଂଜାମ ଜିଲ୍ଲାରେ ଶୋକାକୁଳ ବାତାବରଣ ସୃଷ୍ଟି କରିଛି । ହିଂଜିଳିକାଟୁ ପାଟଣାସାହି ନିବାସୀ ସ୍ୱର୍ଗତ ମଦନମୋହନ ପଟ୍ଟନାୟକ ଏବଂ ସ୍ୱର୍ଗତା କନକଲତା ପଟ୍ଟନାୟକ ପାଂଚ ପୁଅ ଝିଅଙ୍କ ମଧ୍ୟରେ ସେ ସବା ସାନପୁଅ । ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବା ସହ ସାମ୍ବାଦିକତା କ୍ଷେତ୍ରରେ ସେ ପାଦ ଦେଇଥିଲେ । ୨୦୧୪ ମସିହାରୁ 'ସମାଜ'ର ହିଂଜିଳିକାଟୁ ବ୍ଲକ୍ ପ୍ରତିନିଧି ଭାବରେ କାର୍ଯ୍ୟ ନିର୍ବାହ କରି ଅଂଚଳର ବହୁ ଜନହିତକର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଜଣେ ପରୋପକାରୀ, ବନ୍ଧୁବତ୍ସଳ ତଥା ସମସ୍ତଙ୍କ ସ୍ନେହ ଓ ଶ୍ରଦ୍ଧାର ପ୍ରିୟଦର୍ଶୀ ବାବୁ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ । ଉଚିତ୍ ମାନର ଖବର ପରିବେଷଣ ପାଇଁ ସମାଜ ଶତବାର୍ଷିକ ସମାରୋହରେ ସେ ସମ୍ମାନିତ ହୋଇଥିଲେ । ତେବେ କରୋନା ସଂକ୍ରମଣ କାଳରେ ବିଭିନ୍ନ ସଂଗରୋଧ କେନ୍ଦ୍ର ବୁଲି ସେଠାକାର ସ୍ଥିତି ସଂପର୍କରେ ଖବର ପରିବେଷଣ କରୁଥିଲେ । ଅନ୍ତେବାସୀଙ୍କ ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣୁଥିଲେ । ଗତ ମାସ ୨୬ ତାରିଖରୁ ତାଙ୍କୁ ପ୍ରଥମେ ଜ୍ୱର ହେଲା । କାଶ ଓ ଥଣ୍ଡା ଲାଗି ରହିଥିବାରୁ ସ୍ୱାବ୍ ଟେଷ୍ଟ ପାଇଁ ନିଜ ତରଫରୁ ସେ ଆଗେଇ ଆସିଥିଲେ । ଜୁଲାଇ ୧ ତାରିଖ ଦିନ ତାଙ୍କ ସ୍ୱାବ୍‌ରେ ପୋଜେଟିଭ୍ ଆସିଥିଲା । ସେତେବେଳକୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଥିଲା ।

# ୭୧ତମ ବନୋମହୋତ୍ସବ ପାଳିତ

## ବୃକ୍ଷକୁ ନିଜ ପରିବାର ସଦସ୍ୟ ଭାବେ ଲୋକେ ମାନନ୍ତୁ : ନରସିଂହ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ନିକଟସ୍ଥ ଖମାରମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ବଲାଙ୍ଗିର ବନାଂଚଳ ଓ ବଲାଙ୍ଗିର ବନଖଣ୍ଡ ତରଫରୁ ୭୧ତମ ବନୋମହୋତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିରର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଖମାରମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ଚାରା ଲଗାଇ ବନୋମହୋତ୍ସବର ଶୁଭାରମ୍ଭ କରିଥିଲେ । ବୃକ୍ଷରୋପଣ ପରବର୍ତ୍ତି ସଭା ଯାହାକି ସମ୍ପୂର୍ଣ୍ଣ ଭାବେ ସାମାଜିକ ଦୂରତ୍ୱକୁ ପାଳନ କରି ଅନୁଷ୍ଠିତ ହୋଇଥିଲା, ସେଥିରେ ଜିଲ୍ଲା ଜଙ୍ଗଲ ଅଧିକାରୀ ସମୀର କୁମାର ଶତପଥି ସଭାପତିତ୍ୱ କରି ବିଭାଗର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇ କହିଛନ୍ତି ଯେ, ଜୁଲାଇ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଅଂଚଳରେ ବନୋମହୋତ୍ସବ ସପ୍ତାହ ପାଳନ କରାଯାଏ । ସେହି ଦୃଷ୍ଟିରୁ ଏଠାରେ ମଧ ବନୋମହୋତ୍ସବ ପାଳିତ ହେଉଛି । ବିଭାଗ ତରଫରୁ ସହର, ଗ୍ରାମାଂଚଳ ଲୋକଙ୍କୁ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କୁ ଚାରା ଯୋଗାଇ ଦିଆଯାଉଛି । ଗତ ବର୍ଷ ଅପେକ୍ଷା ଏ ବର୍ଷ ଏହି ଚାରା ବଂଟନ କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରିବା ସହ ଯେପରି ବିଭିନ୍ନ ନର୍ସରୀମାନଙ୍କରେ ବର୍ଷ ତମାମ ଚାରା ଉପଲବ୍ଧ ହେବ ତାର ବ୍ୟବସ୍ଥା ମଧ କରାଯାଇଛି । ମୁଖ୍ୟ ଅତିଥି ଶ୍ରୀ ମିଶ୍ର ନିଜ ଭାଷଣରେ କହିଥିଲେ ଯେ ଯେ ପ୍ରତ୍ୟେକ ବ୍ୟକ୍ତି ଜଙ୍ଗଲ ସୃଷ୍ଟି କରିବାରେ ସହଯତା କରିବା ନିହାତି ଦରକାର । ବୃକ୍ଷକୁ ଆମେ ନିଜ ପରିବାର ଜଣେ ସଭ୍ୟ ହିସାବରେ ଗଣନା ନ କଲେ ଆଗାମୀ ଦିନରେ ହୁଏତ ଏ ସାରା ପୃଥିବୀ ଧ୍ୱଂସ ମୁଖକୁ ଚାଲି ଯାଇପାରେ । ନିଜ ଭାଷଣରେ ସେ ବନ ବିଭାଗକୁ ବଲାଙ୍ଗିର ଅଂଚଳରେ ଯେତେ ଅଧିକ ହେବ ଜଙ୍ଗଲ ସୃଷ୍ଟି କରିବା ପାଇଁ ଅନୁରୋଧ କରିଥିଲେ । ଏହି ଉତ୍ସବରେ ପାଟଣାଗଡ ଉପଖଣ୍ଡର ଧଅଁରାଦାଦର ବନ ସଂରକ୍ଷଣ ସମିତିର କଇଁଫୁଲ ବଢ଼ିଆ ଏବଂ ବଲାଙ୍ଗିର ଉପଖଣ୍ଡର ଧୁମାମରା ବନ ସଂରକ୍ଷଣ ସମିତିର ରାଜେନ୍ଦ୍ର କୁମାର ନାଏକଙ୍କୁ ଉତ୍ତମ ଜଙ୍ଗଲ ସଂରକ୍ଷଣ ତଥା ସୃଷ୍ଟି କରିବା ଯୋଗୁଁ ଉଭୟଙ୍କୁ ୨୦ହଜାର ଟଙ୍କା ନଗଦ ଏବଂ ମାନପତ୍ର ଦେଇ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ପୁରସ୍କୃତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବନ ସଂରକ୍ଷକ ବାବାଜୀ ଚରଣ ରାଉଳ, ରେଞ୍ଜର ବିଜୟ କୁମାର ଖୁଂଟିଆ, ଫରେଷ୍ଟର ବ୍ୟାସଦେବ ସାହୁ, ଠଣସୁନ୍ଦର ଧରୁଆ, ଭାରତୀ ଜାନି, ସୁଭସ୍ମିତା ମେହେର, ଅରବିନ୍ଦ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଟଳ ଇନୋଭେସନ୍ ମିଶନ୍ ରାଷ୍ଟ୍ରବ୍ୟାପୀ..... (ପ୍ରଥମ ପୃଷ୍ଠାରୁ)

ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ ଆପ୍ ଇନୋଭେସନ ଆହ୍ୱାନ ଏହି କାର୍ଯ୍ୟକ୍ରମକୁ ଅନୁପ୍ରାଣିତ କରିଛି । ଏହା ମାଧ୍ୟମରେ ଯୁବ ଚାତ୍ରଛାତ୍ରୀମାନେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏବଂ ଉଦ୍ୟୋଗିକ କ୍ଷେତ୍ରରେ ଏହାର ଉପଯୋଗ କରିବାକୁ ସୁଯୋଗ ପାଇଛନ୍ତି । ସେ କହିଛନ୍ତି ଯେ ନୀତି ଆୟାଗ ଏଥିପାଇଁ ଏକ ଅତ୍ୟାଧୁନିକ ପ୍ଲାଟଫର୍ମ ନିର୍ମାଣ କରିଛି । ଏହା ମାଧ୍ୟମରେ ସାରା ଦେଶର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ସର୍ବଶେଷ ଟେକ୍‌ନୋଲଜି ସଂପର୍କରେ ଜ୍ଞାନ ଅର୍ଜନ କରିବା ସହିତ ସେଗୁଡ଼ିକର ପ୍ରୟୋଗ ପାଇଁ ସୁଯୋଗ ପାଇବେ । ଏଥିରେ ଆର୍ଟିଫିସିଆଲ ଇଂଟେଲିଜେନ୍‌ସ, ଗେମ୍ ଡିଜାଇନ ଓ ବିକାଶ, ଥ୍ରିଡି ଡିଜାଇନ୍, ଡିଜିଟାଲ କ୍ରିଏଟିଭିଟି ସ୍କିଲ୍ ଓ ଆଷ୍ଟ୍ରୋନମି ଆଦି ପାଠ୍ୟକ୍ରମ ରହିଛି । ନିଜ ନିଜ ଘରେ ବସି ଛାତ୍ରଛାତ୍ରୀ ଓ ଶିକ୍ଷକଗଣ ଆରାମରେ ଏହା ଶିଖିପାରିବେ । ସେ ଆହୁରି କହିଛନ୍ତି ଯେ, ଏଟିଏଲ୍ ଆପ୍ ଡେଭଲପ୍‌ମେଂଟ୍ ମଡ୍ୟୁଲକୁ କାର୍ଯ୍ୟକାରୀ କରିବା ନୀତି ଆୟୋଗ ପାଇଁ ଏକ ବଡ଼ ଗୌରବର ବିଷୟ । ମେକ୍ ଇଣ୍ଡିଆ କାର୍ଯ୍ୟକ୍ରମ ସହିତ ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହି ଉଦ୍ୟମ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

ଏହି ଅବସରରେ ପ୍ଲେଜ୍‌ମୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମୋଲ ପଲସିକର କହିଛନ୍ତି ଯେ କୃଷି ଓ ଶିଳ୍ପ ବିପ୍ଳବ ପରେ ବିଶ୍ୱ ଅର୍ଥନୀତି ଏବେ ଟେକ୍‌ନୋଲଜି ବିପ୍ଳବ ଦ୍ୱାରା ନୂଆ ରୂପ ନେଉଛି । ତାଙ୍କ ସଂସ୍ଥାର ଲକ୍ଷ୍ୟ ହେଲା ଏକବିଂଶ ଶତାବ୍ଦୀରେ ସବୁ ଲୋକଙ୍କୁ କୋଡ଼ିଂ, କଂପ୍ୟୁଟେସନାଲ ଥିଙ୍କିଂ, ପ୍ରବଲ୍‌ମ ସଲ୍‌ଭିଂ, ଡିଜାଇନ ଥିଙ୍କିଂ ଆଦି ବିଭିନ୍ନ ପ୍ରକାର ବୈଷୟିକ କୌଶଳ ଓ ଜ୍ଞାନ ସହ ପରିଚିତ ତଥା ସିଦ୍ଧହସ୍ତ କରିବା । ଆମ ଯୁବ ଛାତ୍ରମାନେ ଟେକ୍‌ନୋଲଜି ଦୃଷ୍ଟିରୁ କୌଶଳୀ ଓ ସଶକ୍ତ ହେଲେ ଭାରତ ବିଶ୍ୱର ଏକ ଟେକ୍‌ନୋଲଜି ସୁପର ପାୱାରରେ ପରିଣତ ହେବ ଏବଂ ଏହାଦ୍ୱାରା ଆତ୍ମନିର୍ଭର ଭାରତ ଲକ୍ଷ୍ୟ ପୂରଣ ହୋଇପାରିବ ।

ଏ ପର୍ଯ୍ୟନ୍ତ ୫,୧୦୦ରୁ ଏଟିଏଲ୍ ବା ଅଟଳ ଟିଂକରିଂ ଲ୍ୟାବ ଦେଶର ୬୬୦ ଜିଲାରେ ସ୍ଥାପନ ହୋଇ ସାରିଛି । ଅଟଳ ଇନୋଭେସନ ମିଶନ ଜରିଆରେ ପରିଚାଳିତ ହେଉଥିବା ଏହିସବୁ ଅନୁଷ୍ଠାନରେ ୨୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଟିଂକରିଂ ଲ୍ୟାବ୍‌ର ସୁବିଧା ନେଉଛନ୍ତି । ଇନ୍‌କ୍ୟୁବେଟର୍, ଷ୍ଟାର୍ଟଅପ୍, କମ୍ୟୁନିଟି ଇନୋଭେସନ ସେଂଟର୍ ଏବଂ ଅଟଳ ନ୍ୟୁ ଇଣ୍ଡିଆ ଚ୍ୟାଲେଂଜ୍‌ସ୍ ଆଦି କ୍ଷେତ୍ରରେ ନବସୃଜନ, ଟେକ୍‌ନୋଲଜି ପ୍ରୟୋଗ ଆଦି ପାଇଁ ଏସବୁ ଲ୍ୟାବ ସହାୟକ ହୋଇପାରିବ । ଏହାଫଳରେ ଦେଶର ସାମାଜିକ, ଆର୍ଥିକ ଅଭିବୃଦ୍ଧି ସମ୍ଭବ ହେବ ।

## ସାହିତ୍ୟର ଦୀକ୍ଷାନ୍ତର ....

### (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଆହ୍ୱାନ ଦେବାବେଳେ ତାହାରି ମୂଳ ତାତ୍ପର୍ଯ୍ୟ ରୂପେ ସବା ଆଗରେ ସର୍ଜନାତ୍ମକ କ୍ଷେତ୍ରରେ ଏଇ କଥାଟି ସମ୍ଭବ ହେଉ ବୋଲି ସ୍ୱପ୍ନ ଦେଖିଥିଲେ ।

ସମସ୍ତ ଦୁର୍ଦ୍ଦଶା ସତ୍ତ୍ୱେ ଓଡ଼ିଆ ସାହିତ୍ୟର ସାରସ୍ୱତ ସମ୍ଭାବନା ସଂପୂର୍ଣ୍ଣ ସରି ଯାଇନାହିଁ । ଏବେ ମଧ୍ୟ ଓଡ଼ିଆ ସାହିତ୍ୟ ଜଗତରେ ସାଧନାରତ ଅନେକ ତପସ୍ୱୀ ପୁରୁଷ ରହିଛନ୍ତି । ନବସୃଜନ ପାଇଁ ସେମାନଙ୍କ ପ୍ରତିଭା ସଂପୂର୍ଣ୍ଣ ସକ୍ଷମ । ଇଚ୍ଛା କଲେ ସେମାନେ ମଣିଷ ପାଇଁ ନୂତନ ପ୍ରେରଣା, ପ୍ରତିଶ୍ରୁତି ଓ ପ୍ରତ୍ୟୟ ସୃଷ୍ଟି କରି ପାରିବେ । ଅବକ୍ଷୟର କବଳରୁ ଉଦ୍ଧାର କରି ସାହିତ୍ୟ ସଂସ୍କୃତିର ସୃଜନଶୀଳ ଧାରାକୁ ସେମାନେ ଠିକଣା ବାଟକୁ ଆଣିଦେଇ ପାରିବେ । ସେମାନଙ୍କ ଉପରେ ଆସ୍ଥା ରଖି ପୂଜ୍ୟ ଚିତ୍ତଭାଇ ଏତେ କଥା କହିଥିଲେ । ଅଗଣିତ ଜୀବନାନୁରାଗୀ ମଣିଷଙ୍କ ପ୍ରାଣବାଣୀ ତାଙ୍କ ବକ୍ତବ୍ୟ ମଧ୍ୟରେ ପ୍ରତିନିଧିତ୍ୱ ପାଇଥିଲା । ଏହି ବର୍ଷିଆନ୍ ତପସ୍ୱୀ ପୁରୁଷଙ୍କ କଥା ପଦିକ ଆଉ ପାଂଚ ପଚିଶଟି କଥା ଭଳି ହଜି ନଯାଉ । ପୀଡ଼ିତ ଓ ଅପମାନିତ ମଣିଷ ଯେଉଁମାନଙ୍କୁ ଭରସା କରି ଅନାଇ ରହିଛି, ଚିତ୍ତଭାଇ ସେମାନଙ୍କୁ ଆଉଥରେ ଚେତାଇ ଦେଇଥିଲେ । ସେଇ ଚେତନା କ୍ରିୟାଶୀଳ ହେଉ । ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ସାଧନାରତ ସାଧକ ବୃନ୍ଦଙ୍କ ଦୃଷ୍ଟିଭଂଗୀରେ ସମୟୋଚିତ ପରିବର୍ତ୍ତନ ଆସୁ । ଆଗାମୀ ଦିନର ସାହିତ୍ୟ ସଂସ୍କୃତି ମଣିଷ ଅନ୍ତରରେ ପ୍ରତିଶ୍ରୁତିପୂର୍ଣ୍ଣ ପ୍ରତ୍ୟୟ ଭରି ଦେଉ । ସୃଜନପ୍ରୟାସର ପରିପ୍ରେକ୍ଷୀରେ ପରିବର୍ତ୍ତନ ହେଉ । ମଣିଷ ଓ ମନୁଷ୍ୟତାର ସପକ୍ଷରେ ସ୍ରଷ୍ଟା ପୁରୁଷର ପୁନଶ୍ଚରଣ ହେଉ । ମଣିଷକୁ କେନ୍ଦ୍ର କରି ଆମ ସାହିତ୍ୟରେ ଏକ ଦୀକ୍ଷାନ୍ତର ଘଟୁ । ସେହି ସାହିତ୍ୟ ହିଁ ସମସ୍ତ ଅଂଧାର କାଟି ଆଗାମୀ ଦିନର ମଣିଷକୁ ଉଦୟ ଓ ଉପଲବ୍ଧିର ଏକ ଆଲୋକିତ ଇଲାକାରେ ପହଂଚାଇ ଦେଇ ପାରିବ ।

ମୋବାଇଲ୍ ନଂ. : ୯୯୩୭୭୪୦୬୭୬

## 'ନବୀନ'ର ୯୧ତମ ପ୍ରତିଷ୍ଠା ଦିବସରେ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ

ବ୍ରହ୍ମପୁର, (ସ୍ୱପ୍ର) : ସାପ୍ତାହିକ 'ନବୀନ' ସମ୍ବାଦପତ୍ରର ୯୧ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଏକ ସ୍ୱତନ୍ତ୍ର ସଂଖ୍ୟା ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି । ନବୀନ ଭବନ ପରିସରରେ ନବୀନର ସମ୍ପାଦକ ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିରାଡ଼ମ୍ବର କାଯର୍‌ୟକ୍ରମରେ ସରକାରଙ୍କ କୋଭିଡ-୧୯ ନିୟମ ପାଳନ ସହ ସାମାଜିକ ଦୂରତା ରକ୍ଷା କରାଯାଇ ଅତିଥିମାନଙ୍କ ଦ୍ୱାରା ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା. ରବି କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ବର୍ଷିୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ନବୀନର ଉତ୍ତରୋତ୍ତର ଶ୍ରୀବୃଦ୍ଧି କାମନା କରିବା ସହ ନବୀନ କେବଳ ଏକ ସମ୍ବାଦପତ୍ର ନୁହଁ ବରଂ କବି, ସାହିତ୍ୟିକମାନଙ୍କ ଏନ୍ତୁଡ଼ିଶାଳ ବୋଲି କହିଥିଲେ । ଏହା ସହିତ ଶିଶୁ ସାହିତ୍ୟିକ ସୁଦାମ ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ଶିଶୁ କବିତା ପୁସ୍ତକ 'କିଚିରି ମିଚିରି'କୁ ମୁଖ୍ୟଅତିଥି ଡା.ଶତପଥୀ ଉନ୍ମୋଚନ କରିଥିଲେ । ଏହି ଅବସରରେ ଡା. ରବି କୁମାର ଶତପଥୀ, ପ୍ରଫେସର ଡା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଗବେଷକ ଡ. ଅନନ୍ତରାମ କର କୌଣ୍ଡିନ୍ୟ, ଶିକ୍ଷାବିତ୍ ସରୋଜକାନ୍ତ ରଥ, କ୍ରୀଡ଼ାବିତ ଏସ. ଅଜିତ କୁମାର ପାତ୍ର, ସମାଜସେବୀ କପିଳେଶ୍ୱର ପାଢ଼ୀ ଓ ବୈତରଣୀର ସମ୍ପାଦିକା ସ୍ମୃତି ପଟ୍ଟନାୟକଙ୍କୁ ମାନପତ୍ର, ଉପଢ୍ୌକନ ଓ ସ୍ମୃତି ଫଳକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ଡ଼ା. ଚନ୍ଦ୍ରମଣି ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ ।

ଶେଷରେ କାର୍ଯ୍ୟକାରୀ ସଭାପତି ଡା. ଶ୍ରୀବତ୍ସ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରିଚାଳନାରେ ନବୀନର ସାମ୍ବାଦିକ ପବିତ୍ର କୁମାର ଚୌଧୁରୀ ସହଯୋଗ କରିଥିଲେ ।

## ଗତ ବର୍ଷ ଅଗଷ୍ଟ ମାସର ବନ୍ୟାରେ .......... (ପ୍ରଥମ ପୃଷ୍ଠାରୁ)

ଡିସମିଲ୍, ରାମ ମଟାରୀଙ୍କ ୦.୫ ଏକର, ରଘୁନାଥ ମଟାରୀଙ୍କ ୦.୫ ଏକର, ରମେଶ ମଟାରୀଙ୍କ ୦.୫ ଏକର, ଭଜମନ ନାଗଙ୍କ ୦.୫ ଏକର, ଲୁକ ନାଗଙ୍କ ୦.୫ ଏକର, ସତ୍ୟବାନ ନାଗଙ୍କ ୦୫ ଏକର, ପ୍ରଶାନ୍ତ ନାଗଙ୍କ ୦.୫ ଏକର, ନୃପାନନ୍ଦ ନାଏକଙ୍କ ୦.୫ ଏକର ଚାଷ ଜମି ଉପରେ ବାଲିଚର ମାଡ଼ି ଯାଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

ତେବେ ସେହି ବନ୍ୟା ସମୟରେ ହିଁ ଏ ସଂପର୍କୀତ କ୍ଷୟକ୍ଷତିର ସୂଚନା ପୁଇଁନ୍ତଲା ବ୍ଲକ୍‌ରେ ଦାଖଲ୍ କରାଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସହାୟତା ପାଇ ନାହାନ୍ତି ଗ୍ରାମବାସୀ । ଯେଉଁ ଚାଷଜମିରୁ ଧାନ ଅମଳ କରି ଚାଷୀମାନେ ସେମାନଙ୍କ ଜୀବିକା ନିର୍ବାହ କରୁଥିଲେ, ସେସବୁ ଚାଷ ଜମିକୁ ଏବେ ବାଲି ମାଡ଼ି ଯାଇଛି । ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

ଅନ୍ୟପଟେ ସେହି ବନ୍ୟାରେ ସଂପୃକ୍ତ ଗାଁକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ରାସ୍ତା ଦୁଇଟି ସ୍ଥାନରେ ସଂପୂର୍ଣ୍ଣ ଧୋଇ ହୋଇ ଯାଇଥିଲା । ଦୀର୍ଘ ୧୦ ମାସରୁ ଅଧିକ ସମୟ ହେଲା ସଂପୃକ୍ତ ଗାଁ ବିଛିନ୍ନ ଅବସ୍ଥାରେ ପଡ଼ି ରହିଥିଲା । ବିଭାଗୀୟ ଅଧିକାରୀମାନଙ୍କୁ ଗୁହାରି କରି କରି ଥକି ପଡ଼ିଲେ ଗ୍ରାମବାସୀ । କିନ୍ତୁ ସେମାନଙ୍କର ଗୁହାରି ଶୁଣିଲେ ନାହିଁ କେହି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଯେଉଁ ଦୁଇଟି ସ୍ଥାନରେ ରାସ୍ତା ସଂପୂର୍ଣ୍ଣ ଧୋଇ ହୋଇ ଯାଇଥିଲା, ତାହା ଦେଖିଲେ ମୁଣ୍ଡରେ ହାତ ଦେବାକୁ ପଡ଼େ । ଗୋଟିଏ ସ୍ଥାନରେ ୧୮ ଫୁଟ୍ ତଳୁ ରାସ୍ତା ଧୋଇ ହୋଇଥିବା ବେଳେ ପ୍ରାୟ ୪୦/୫୦ ଫୁଟ ଦୈର୍ଘ୍ୟର ଘାଇ ସୃଷ୍ଟି ହୋଇଥିଲା । ଗାଁ ଲୋକେ ରାସ୍ତା ତଳୁ ଯିବା ଆସିବା କରିବା ମଧ୍ୟ ଅତ୍ୟନ୍ତ ବିପଦ୍‌ଜନକ ହୋଇ ପଡ଼ିଥିଲା । ତେବେ ଗ୍ରାମବାସୀଙ୍କ ଯିବା ଆସିବା କଷ୍ଟ ଦେଖି ଗ୍ରାମ ପଞ୍ଚାୟତ ପକ୍ଷରୁ ଘାଇ ଉପର ମୁଣ୍ଡରେ ମାଟି ପକାଇ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି । ଗ୍ରାମ ପଞ୍ଚାୟତର ସମୟ ଉପଯୋଗୀ ପଦକ୍ଷେପ ଯୋଗୁଁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି । ତେବେ ନାଏବ ସରପଂଚ ଶଙ୍କର ଜାଲ, ଆଶିଷ ନାଏକ, ନବୀନ ମଟାରୀ, ଗିରିଧାରି ନାଏକଙ୍କ ସହ ଆଉ କେତେଜଣ ଗ୍ରାମର ଯୁବକଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହି ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ଗ୍ରାମବାସୀମାନେ ଜଣାଇଛନ୍ତି ଯେ, ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ କେବେ କରୁଣା ହେବ, ତାହା ଦେଖିବାକୁ ବାକି ରହିଲା ।

## ବଲାଙ୍ଗିରରେ କରୋନା ମୁକାବିଲା.......... (ପ୍ରଥମ ପୃଷ୍ଠାରୁ)

ହିଁ ବଫର୍ ଜୋନ୍ ଓ ପଡ଼ାକୁ ସିଲିଂ ପଏଂଟ୍ କରାଯାଇଛି । ଆହୁରି ଠିକାଦାରପଡ଼ାରୁ ବରପାଲିପଡ଼ା ଯାଉଥିବା ରାସ୍ତାକୁ ବଫର୍ ଜୋନ୍ କରାଯାଇ ବ୍ୟାରିକେଟିଂ କରାଯାଇଥିବା ବେଳେ ଠିକାଦାରପଡ଼ା ଓ କଚେରୀଛକକୁ ଆସୁଥିବା ରାସ୍ତା ଖୋଲା ଛଡ଼ା ଯାଇଛି । ମନେ ହେଉଛି, ସତେ ଯେମିତି ସଂକ୍ରମଣ କେବଳ ବରପାଲିପଡ଼ା ଅଭିମୁଖେ ଯାତ୍ରା କରିବ! ସେହିପରି ହାତୀଶାଳପଡ଼ାରେ ଖାଦ୍ୟସାମଗ୍ରୀର ସମସ୍ୟାକୁ ନେଇ କନ୍‌ଟେନ୍‌ମେଂଟ୍ ଜୋନ୍‌ବାସୀଙ୍କ ହୋ' ହାଲ୍ଲା ଓ ବ୍ୟାରିକେଟିଂ ଭାଂଗି ସହରକୁ ପଶି ଯିବାର ଧମକ ହାଟରେ ବାଟରେ ଚର୍ଚ୍ଚା ହେବା ସହ ସାରା ରାଜ୍ୟର ଦୃଷ୍ଟି ଆକର୍ଷଣ କରିଥିଲା । ଏହି ଅଂଚଳବାସୀଙ୍କ ମାନବିକ ଅଧିକାର ଉଲଂଘନ ନହେବା ପାଇଁ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମଧ୍ୟ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନକୁ ତାଗିଦ୍ କରିଥିଲେ । କିନ୍ତୁ ଠିକାଦାରପଡ଼ା କନ୍‌ଟେନ୍‌ମେଂଟ୍ ଜୋନ୍ ଘୋଷଣା ହେବା ପରେ ଏହି ଅଂଳଚରେ ଖାଦ୍ୟସାମଗ୍ରୀ ବଂଟନକୁ ଜିଲ୍ଲା ପ୍ରଶାସନ ପୁଣି ଥରେ ଅଣଦେଖା କରିଥିବା ଗୁଂଜରଣ ହେଉଛି । କନ୍‌ଟେନ୍‌ମେଂଟ୍ ଜୋନ୍ ଭିତରେ ପ୍ରାୟତଃ ମଧ୍ୟବିତ୍ତ ପରିବାର ବସବାସ କରୁଥିବା ବେଳେ ପ୍ରାୟ ପାଂଚଟି ପରିବାର ଖଟିଖିଆ ଶ୍ରେଣୀରେ ଅଛନ୍ତି । ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥାକୁ ନେଇ ମଧ୍ୟ ଏବେ ଅଭିଯୋଗ ଆସୁଛି ।

କରୋନା ଭୂତାଣୁ ନୂତନ ଭାବେ ଆବିଷ୍କାର ହୋଇଥିବା ବେଳେ ସାରା ଦୁନିଆ ଏହାର ସ୍ୱଭାବ, ପ୍ରଭାବ ଏବଂ ସଂକ୍ରମଣ ବିଧି ଉପରେ ନଜର ରଖିଛି । ବିଭିନ୍ନ ମାମଲାରେ ଏହାର ନିରୀକ୍ଷଣ କରି ଔଷଧ ତଥା ଆଚରଣ ବିଧିକୁ ସୁଧାରୁଛି । ସେହି କ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଦିନକୁ ଦିନ ନୂତନ ଆଚରଣ ବିଧି ଲାଗୁ କରିଛନ୍ତି । କିନ୍ତୁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ନିଜର ପୂର୍ବ ଅଭିଜ୍ଞତାରୁ କିଛି ଶିଖୁଥିବା ପରିଲକ୍ଷିତ ହେଉନାହିଁ । ସ୍ଥାନୀୟ ହାତୀଶାଳପଡ଼ାରେ ପ୍ରଥମେ ଦୁଇ ଜଣ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ପୁଣି ସେହି ଅଂଚଳରେ ବ୍ୟାପି ୬୧ ଜଣଙ୍କୁ ଆକ୍ରାନ୍ତ କରିଥିଲା । ଆହୁରି ନିକଟସ୍ଥ ଠିକାଦାରପଡ଼ା ପ୍ରଥମେ ଜଣେ ଓ ପରେ ଆଉ ପାଂଚ ଜଣ ଏହି ସଂକ୍ରମଣର ଶିକାର ହୋଇଥିଲେ । ଏପରିକି ବ୍ରାହ୍ମଣପଡ଼ାର ଆଉ ଜଣେ ସେହି ସଂକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଥିବା ଖବର ରହିଛି । ତେବେ ଯଦି ହାତୀଶାଳପଡ଼ାରେ ପ୍ରଥମ ସଂକ୍ରମିତ ଚିହ୍ନଟ ହେବା ଦିନଠୁ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ତୁରନ୍ତ ନିଆଯାଇ ପାରିଥାନ୍ତା, ତାହେଲେ ବୋଧହୁଏ ଠିକାଦାରପଡ଼ା ଓ ବ୍ରାହ୍ମଣପଡ଼ା ଏହି ସଂକ୍ରମଣରୁ ରକ୍ଷା ପାଇ ଯାଇଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

# ଛାତ୍ରଛାତ୍ରୀଙ୍କ ଫିଜ୍ ଛାଡ ନିମନ୍ତେ ଏଆଇଡିଏସ୍‌ଓର ୩ଦଫା ଦାବୀ




ବଲାଙ୍ଗିର, (ନିପ୍ର) : କରୋନା ବିପତ୍ତି ସମୟରେ ହାଇସ୍କୁଲ ଗୁଡିକରେ ଛାତ୍ରଛାତ୍ରୀମାନଙ୍କ ନାମଲେଖା ପାଇଁ ଶହ ଶହ ଟଙ୍କା ଆଦାୟ କରାଯାଉଛି । ମହାବିଦ୍ୟାଳୟ ଗୁଡିକ ମଧ୍ୟ ରିଆଡମିସନ ତଥା ଫର୍ମ ଫିଲପ୍ ନାଁରେ ଟଙ୍କା ଆଦାୟରେ ଲାଗିପଡିଛନ୍ତି । ଫଳରେ ଜିଲ୍ଲାର ଅଭାବଗ୍ରସ୍ତ ହଜାର ହଜାର ଛାତ୍ରଛାତ୍ରୀ ଅଧାରୁ ପାଠପଢା ଛଡିବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତକୁ ଆଖି ଆଗରେ ରଖି ଜୁଲାଇ ୯ ଓ ୧୦ ଦୁଇ ଦିନ ଅନ୍‌ଲାଇନ ଦାବୀ ଦିବସ ପାଳନ କରାଯାଇଛି । ବଲାଙ୍ଗିର, ପାଟଣାଗଡ, ଗୁଡଭେଲା ଅଂଚଳର ବହୁ ଛାତ୍ରଛାତ୍ରୀ ସାମିଲ୍ ଥିଲେ । ଏହି ଦାବୀ ଦିବସରେ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସାମିଲ୍ ହୋଇ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଏଆଇଡିଏସ୍‌ଓ ବଲାଙ୍ଗିର ଜିଲ୍ଲା କମିଟି ସଭାପତି ରାଜେନ୍ଦ୍ର ରଣା ଓ ସଂପାଦକ ମଧୁସୁଦନ ବାଗ ନିବେଦନ କରିଛନ୍ତି ।

ପ୍ରକାଶ ଯୋଗ୍ୟ ଯେ, ଭୟାବହ କରୋନା ସମୟରେ ପଛୁଆ ଜିଲ୍ଲା ବଲାଙ୍ଗିର ଭଳି ଏକ ଦାଦନ ପ୍ରପୀଡିତ ଜିଲ୍ଲାରେ ଦୁଇ ମାସର ଲଗାତର ଲକ୍‌ଡାଉନ ପ୍ରଭାବରେ ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀଙ୍କ ପରିବାର ଆଜି ଦୁର୍ଦ୍ଦଶାଗ୍ରସ୍ତ । କର୍ମ ସଂସ୍ଥାନ ବନ୍ଦ ହେବା ଫଳରେ ସେମାନଙ୍କର ପରିବାରର ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭାଙ୍ଗିପଡିଛି । ଜୀବିକା ହରାଇ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ କଳ୍ପନାତୀତ ପଥକଷ୍ଟ ସହି ଘରକୁ ଫେରିଛନ୍ତି । ସେମାନେ ବର୍ତ୍ତମାନ ଗୃହବନ୍ଦୀ ଅବସ୍ଥାରେ ଥିବାବେଳେ ତାଙ୍କ ଉପାର୍ଜନର ବ୍ୟବସ୍ଥା ଏ ପର୍ଯ୍ୟନ୍ତ କରାଯାଇନାହିଁ । ସଂଖ୍ୟାଧିକ ଲୋକ ଏବେ ବେକାର ଅବସ୍ଥାରେ ଦିନ କାଟୁଛନ୍ତି । ଏହି ଦୁର୍ଦ୍ଦିନରେ ସରକାର ସମ୍ବେଦନଶୀଳ ହୋଇ ସେମାନଙ୍କ ପିଲାମାନଙ୍କର ଶିକ୍ଷା କ୍ଷେତ୍ରରେ ହେଉଥିବା ସମସ୍ତ ଫିଜ୍ ଛାଡ କରିବା ଏକ ନୈତିକ ଦାୟିତ୍ୱ । ତା'ଛଡା ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ବହିପତ୍ର ଯୋଗାଇଦେବା ନିତାନ୍ତ ଆବଶ୍ୟକ ବୋଲି ଏଆଇଡିଏସଓ ତରଫରୁ କୁହାଯାଇଛି ।

# ସିଆର୍‌ପିଏଫ୍ କ୍ୟାମ୍ପ୍‌ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବଲାଙ୍ଗିର, (ନିପ୍ର) : ଭାରତ ସରକାରଙ୍କ ଦ୍ୱାରା ଘୋଷିତ ପର୍ଯ୍ୟାବରଣ ଅଭିଯାନକୁ ଧ୍ୟାନରେ ରଖି ୧୨ ତାରିଖ ରବିବାର ଦିନ ବଲାଙ୍ଗିର ୧୮୯ ବଟାଲିୟନ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୮୯ ବଟାଲିୟନର ସମସ୍ତ ଅଧିକୃତ କ୍ଷେତ୍ରରେ ସମୁଦାୟ ୭୦୦ ଚାରା ରୋପଣ କରାଯାଇଥିଲା ।

ଉକ୍ତ ବୃକ୍ଷରୋପଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗେନ୍ଦ୍ର ସିଂହ ମୋର୍ଯ୍ୟ, କମାଣ୍ଡେଣ୍ଟ-୧୮୯ ବଟାଲିୟନ୍ ଉପସ୍ଥିତ ଥିଲେ । ନିଜେ ବୃକ୍ଷରୋପଣ କରି, ବୃକ୍ଷରୋପଣର ଉପକାରିତା ସଂମ୍ବନ୍ଧରେ ମତ ରଖିଥିଲେ । ସେ କହିଥିଲେ ଯେ, ବର୍ତ୍ତମାନ ସମୟରେ ବାୟୁମଣ୍ଡଳ ପ୍ରଦୁଷିତ ହୋଇ ପଡ଼ିଥିବା ବେଳେ ଏଥିପାଇଁ ଠିକ୍ ସମୟରେ ପାଗ ପରିବର୍ତ୍ତନ ନ ହେବା, ପ୍ରାକୃତିକ ବିପର୍ଯ୍ୟୟ ଘଟିବା, ମୃର୍ତ୍ତିକା ଅବକ୍ଷୟ ଆଦି ସାମ୍ନାକୁ ଆସୁଛି । ଆଗାମୀ ଦିନରେ ଏହି ସମସ୍ୟାକୁ ଏଡ଼ାଇବାକୁ ହେଲେ ବୃକ୍ଷରୋପଣ ନିହାତି ଆବଶ୍ୟକ ବୋଲି ସେ ଉପସ୍ଥିତ ଯବାନ ଓ ଅଧିକାରୀଙ୍କୁ କହିଥିଲେ । ସେ ଆହୁରି କହିଥିଲେ, ପ୍ରତ୍ୟେକ ମଣିଷ ତା' ଜୀବନ କାଳ ମଧ୍ୟରେ ନିହାତି ଗୋଟିଏ ଗଛ ରୋପଣ କରି ସେ ଗଛର ଉଚିତ ଯତ୍ନ ନେବା ଆବଶ୍ୟକ ।

ଉକ୍ତ କାର୍ଯ୍ୟକ୍ରମରେ ଦ୍ୱିତୀୟ କମାଣ ଅଧିକାରୀ ପନୁର୍ବସୁ ତିୱାରୀ, ଡିସି ବିନୋଦ କୁମାର ଟଣ୍ଡନ, ଡିସି ସୁରେଶ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାର ତଦାରଖ କରିବା ସହ ବୃକ୍ଷରୋପଣର ଆବଶ୍ୟକତା ସଂପର୍କରେ ଯବାନମାନଙ୍କୁ ବୁଝାଇଥିଲେ ।

# ସରକାରୀ ବସ୍ ଠିକା ଚାଳକ ଓ କଣ୍ଡକ୍ଟରଙ୍କ ପ୍ରତିବାଦ

ବଲାଙ୍ଗିର, (ନିପ୍ର) : କାମ ନାହିଁ ତ ଦରମା ନାହିଁ ନିଷ୍ପତ୍ତିକୁ ବିରୋଧ କରି ସରକାରୀ ବସ୍ ଠିକା ଚାଳକ ଓ କଣ୍ଡକ୍ଟରଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି । ସୂଚନାଯୋଗ୍ୟ ଯେ, ରାଜ୍ୟ ସଡ଼କ ପରିବହନ ବିଭାଗ ବଲାଙ୍ଗିର ଶାଖାରେ ୮ଟି ବସ୍ ବିଭିନ୍ନ ରୁଟ୍‌ରେ ଚାଲୁଥିଲା । ତେବେ କରୋନାର ଭୟାବହତା ଯୋଗୁଁ ବସ୍ ଚଳାଚଳ ବନ୍ଦ ହୋଇଥିବା ବେଳେ ଗୋଟିଏ ମାତ୍ର ବସ୍ ଚାଲୁଛି । ବସ୍ ଗୁଡ଼ିକରେ ଠିକା ନିଯୁକ୍ତି ପାଇଥିବା ବସ୍ ଚାଳକ ଓ କଣ୍ଡକ୍ଟରମାନେ ଭଗବତୀନଗର ନିଟକସ୍ଥ ଓଏସ୍‌ଆର୍‌ଟିସି. ଗ୍ୟାରେଜକୁ ଯାଇ ତାଙ୍କ ପ୍ରାପ୍ୟ ସଂପର୍କରେ ଆଲୋଚନା କରିବା ବେଳେ ସେଠାରେ ଅବସ୍ଥିତ ଅଧିକାରୀ କାମ ନାହିଁ ତ ଦରମା ନାହିଁ ବୋଲି ନିର୍ଦ୍ଦେଶ ରହିଥିବା ସେମାନଙ୍କୁ ଜଣାଇଥିଲେ । କର୍ମଚାରୀମାନଙ୍କ କହିବା ମୁତାବକ ମାସେ ତଳେ ସେମାନେ ଅଧା ଦରମାରେ କାମ କରିଥିବା ବେଳେ ଏବେ କାମ ନ କଲେ ଦରମା ବନ୍ଦ ବୋଲି ଶୁଣିବା ପରେ ମୁଣ୍ଡରେ ହାତ ଦେଇଛନ୍ତି । ଏଭଳି ସ୍ଥିତିରେ ସେମାନେ କିଭଳି କୁଟୁମ୍ବ ପ୍ରତିପୋଷଣ କରିବେ, ସେମାନେ ଚିନ୍ତା କରି ପାରୁନାହାନ୍ତି । ତେବେ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ କଦାପି ଗ୍ରହଣଯୋଗ୍ୟ ନୁହେଁ ବୋଲି ସେମାନେ ସ୍ଥିର କରିବା ସହ ଏହାର ପ୍ରତିବାଦ କରିଛନ୍ତି । ଗତ ଶନିବାର ଦିନ ଏ ସଂକ୍ରାନ୍ତରେ ଠିକା ସରକାରୀ ବସ୍ ଚାଳକ ଓ କଣ୍ଡକ୍ଟରମାନଙ୍କର ଏକ ବୈଠକ ସଭାପତି ଗିରିଧାରି ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭାଗୀୟ ନିଷ୍ପତ୍ତି 'କାମ ନାହିଁ ତ' ଦରମା ନାହିଁ'କୁ ଘୋର ବିରୋଧ କରାଯାଇଥିଲା । ଏହି ନିଷ୍ପତ୍ତି ଫଳରେ ଠିକା ସରକାରୀ ବସ୍ ଚାଳକ ଓ କଣ୍ଡକ୍ଟରମାନଙ୍କ ପରିବାର ପ୍ରତିପୋଷଣ କଷ୍ଟସାଧ୍ୟ ହୋଇ ପଡ଼ିବ ବୋଲି ମତପ୍ରକାଶ ପାଇଥିଲା । ବିଭାଗୀୟ ଅଧିକାରୀ ଏଭଳି ନିଷ୍ପତ୍ତି କର୍ମଚାରୀମାନଙ୍କ ଜୀବନ ଜୀବିକା ଉପରେ ବିଶେଷ ପ୍ରଭାବ ପକାଇବ ବୋଲି ମଧ୍ୟ ବୈଠକରେ କଥା ଉଠିଥିଲା । ତେବେ ଆଗାମୀ ସମୟରେ ବିଭାଗୀୟ ଅଧିକାରୀଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧରେ ଆନ୍ଦୋଳନ କରାଯିବାକୁ ଠିକ୍ କରାଯାଇଥିଲା ।




Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com